بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 14-15

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 09 ଜୁନ୍/ 16 ଜୁନ୍ 2016- 09 ଏହ୍‌ସାନ୍ 16 ଏହ୍‌ସାନ୍ 1395 ହି:ଶ 1437 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିʼଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସେହି ବିଷୟ ଯାହାର ନାମ ତୌହିଦ୍ (ଏକେଶ୍ୱରବାଦ) ଅଟେ ଏବଂ ଯାହା ମୁକ୍ତିର ସ୍ରୋତ ଅଟେ, ତାହା କେବଳ ସମୟର ନବୀ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଏବଂ ତାଙ୍କ ଅନୁସରଣ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ରସୁଲଙ୍କ ବିନା ଅନୁସରଣରେ ଏକେଶ୍ୱରବାଦ ଉପରେ ବିଶ୍ୱାସର କିଛି ଅର୍ଥ ରହେନାହିଁ । ପରନ୍ତୁ ସେ ଜଣେ ମୁର୍ଦ୍ଦାର ସଦୃଶ ଅଟେ ଯାହା ଭିତରେ ଆତ୍ମା ନାହିଁ ।**

**ହଜରତ ମସିହ୍ ମଉଦ[ଆ.ସ]ଙ୍କ ନୀତି ବାଣୀ**

ଏହା ଆମେ ବର୍ଣ୍ଣନା କରି ସାରିଛୁ ଯେ, ସେହି ବିଷୟ ଯାହାର ନାମ ତୌହିଦ୍ (ଏକେଶ୍ୱରବାଦ) ଅଟେ ଏବଂ ଯାହା ମୁକ୍ତିର ସ୍ରୋତ ଅଟେ ଯାହା ସଇତାନି ଏକେଶ୍ୱରବାଦଠାରୁ ସମ୍ପୁର୍ଣ୍ଣ ଭିନ୍ନ ମଧ୍ୟ ଅଟେ, ତାହା କେବଳ ସମୟର ନବୀ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଏବଂ ତାଙ୍କ ଅନୁସରଣ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ରସୁଲଙ୍କ ବିନା ଅନୁସରଣରେ ଏକଶ୍ୱରବାଦ ଉପରେ ବିଶ୍ୱାସର କିଛି ଅର୍ଥ ରହେନାହିଁ । ପରନ୍ତୁ ସେ ଜଣେ ମୁର୍ଦ୍ଦାର ସଦୃଶ ଅଟେ ଯାହା ଭିତରେ ଆତ୍ମା ନାହିଁ । ବର୍ତ୍ତମାନ ଏହା କହିବାକୁ ରହିଗଲା ଯେ କʼଣ ପବିତ୍ର କୋରାନ୍‌ରେ ଆମ କହିବା ଅନୁସାରେ ମନୁଷ୍ୟର ମୁକ୍ତିକୁ ରସୁଲ୍ ସ:ଆ:ସ ଙ୍କ ଅନୁଗାମୀ ହେବାର କିଛି ବର୍ଣ୍ଣନା ଅଛି କି ? ବା ଏହା ବଦଳରେ ପବିତ୍ର କୋରାନ୍‌ରେ ଆଉ କିଛି ଶିକ୍ଷା ଅଛି ? ତେଣୁ ଏହାର ବାସ୍ତବତାକୁ ବୁଝାଇବା ପାଇଁ ଆମେ ନିମ୍ନଲିଖିତ ଆୟତଗୁଡିକୁ ଉପସ୍ଥାପନ କରୁଅଛୁ ।

*(୧)* ***ଅଲ୍ଲାଃଙ୍କ ନିର୍ଦ୍ଦେଶ:-*** ʻʻକୁଲ୍ ଅତି ଉଲ୍‌ଲାହା ଓ୍ୱ ଅତିଉର୍ ରସୁଲ୍ʼʼ ଅର୍ଥାତ୍-ତୁମେ କୁହ କି ଅଲ୍ଲାଃଙ୍କ ଆଜ୍ଞା ପାଳନ କର ଏବଂ ତାହାଙ୍କ ରସୁଲ୍‌ଙ୍କର ଆଜ୍ଞା ପାଳନ କରʼʼ । (ନୁର୍:୫୫) ଏହା ନିଶ୍ଚିତ ଯେ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀର ବିରୋଧ କରିବା ପାପ ଅଟେ ଏବଂ ଯାହା ଦ୍ୱାରା ନର୍କଗାମୀ ହେବାକୁ ପଡ଼ିଥାଏ । ଯେଉଁଠି ଅଲ୍ଲାଃତାଲା ନିଜର ଆଜ୍ଞାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି ସେହିପରି ରସୁଲ୍‌ର ଆଜ୍ଞା ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଯେଉଁବ୍ୟକ୍ତି ଏହି ନିର୍ଦ୍ଦେଶରୁ ମୁହଁ ଫେରାଇ ନେଇଥାଏ ସେ ଏପରି ଦୋଷୀ ସାବ୍ୟସ୍ତ ହୋଇଥାଏ ଯାହାର ଦଣ୍ଡ ନର୍କ ଅଟେ ।

*(୨)* ***ଅଲ୍ଲାଃଙ୍କ ନିର୍ଦ୍ଦେଶ:-*** ʻʻୟା ଅୟୋ ହଲ୍ ଲଜିନା ଆମନୁ ଲା ତୁକଦ୍ଦିମୁ ବଇନା ୟଦଇଲ୍‌ଲ୍ଲାହେ ଓ୍ୱ ରସୁଲିହି ଓ୍ୱତ୍‌ତକୁଲ୍ଲାହା ଇନ୍ନଲ୍‌ଲ୍ଲାହା ସମିଉନ୍ ଅଲିମ୍ʼʼ । ଅର୍ଥାତ୍- ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ସମ୍ମୁଖରେ ବଢ଼ି ଚଢ଼ି କଥା କୁହ ନାହିଁ, ଅଲ୍ଲାଃଙ୍କୁ ଭୟ କର; ଅଲ୍ଲାଃ ହିଁ ମହାନ୍ ସ୍ରୋତା (ଓ) ସର୍ବଜ୍ଞ । (ହୁଜୁରାତ୍:୨) ଏହା ସ୍ପଷ୍ଟ ହେଲା ଯେ ଯେଉଁ ବ୍ୟକ୍ତି କେବଳ ନିଜର ଶୁଖିଲା ଏକେଶ୍ୱରବାଦ ଉପରେ ଭରଷା କରି ରସୁଲ୍ ସ:ଆ:ସଙ୍କ ଠାରୁ ଅଲଗା ରହିଥାଏ ଏବଂ କୌଣସି ସମ୍ପର୍କ ରଖେନାହିଁ ଓ ସମ୍ପୁର୍ଣ୍ଣ ରୂପେ ନିଜକୁ ତାଙ୍କଠାରୁ ଅଲଗା କରିଦିଏ ଓ ଉଦ୍ଧତ ହୋଇ ଆଗକୁ ମାଡ଼ିଚାଲେ ସେ ଅଲ୍ଲାଃଙ୍କର ଅମାନ୍ୟକାରୀ ହେବା ସହିତ ମୁକ୍ତିରୁ ବଂଚିତ ହୋଇଥାଏ ।

*(୩)* ***ଅଲ୍ଲାଃଙ୍କ ନିର୍ଦ୍ଦେଶ:-*** ʻʻମନ୍ କାନା ଅଦୁଓ୍ୱନ୍ ଲିଲ୍ଲାହେ ଓ୍ୱ ମଲାଇକତିହି ଓ୍ୱ ରୁସୁଲିହି ଓ୍ୱ ଯିବ୍‌ରିଲା ଓ୍ୱ ମିକାଲା ଫ ଇନ୍ନଲଲ୍ଲାହା ଅଦୁଉନ୍ ଲିଲ୍ କାଫିରିନ୍ʼʼ । ଅର୍ଥାତ୍- (ତେବେ ସେ ମନେ ରଖୁ ଯେ) ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କର, ତାଙ୍କ ଫରିସ୍ତାମାନଙ୍କର ଓ ତାଙ୍କ ପ୍ରେରିତ ରସୁଲ୍‌ମାନଙ୍କର ତଥା ଜିବ୍ରାଇଲ୍ ଓ ମିକାଇଲ୍‌ଙ୍କର ଶତ୍ରୁ ତେବେ ଅଲ୍ଲାଃ ମଧ୍ୟ ନିଶ୍ଚିତ ରୂପେ (ଏପରି) ଅବିଶ୍ୱାସକାରୀମାନଙ୍କର ଶତ୍ରୁ ଅଟନ୍ତି । (ଅଲ୍ ବକ୍‌ରା:୯୯) ବାସ୍ତବରେ ଯେଉଁ ବ୍ୟକ୍ତି କେବଳ ଏକେଶ୍ୱରବାଦକୁ ମାନିଥାଏ କିନ୍ତୁ ଆଁ ହଜ୍‌ରତ ସ:ଆ:ସ ଙ୍କର ଅମାନ୍ୟକାରୀ ଅଟେ ସେ ପ୍ରକୃତରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶତ୍ରୁ ଅଟେ । ତେଣୁ ଏହି ଆୟାତ ଅନୁଯାୟୀ ଅଲ୍ଲାଃ ତାର ଶତ୍ରୁ ହୋଇଯାଇଥାନ୍ତି ଏବଂ ସେ ଅଲ୍ଲାଃଙ୍କ ନିକଟରେ ଅମାନ୍ୟକାରୀ ଅଟେ । ତେଣୁ ତାʼର ମୁକ୍ତି କିପରି ହେବ ?

*(୪)* ***ଅଲ୍ଲାଃଙ୍କ ନିର୍ଦ୍ଦେଶ-*** ʻʻୟା ଅୟୋ ହଲ୍ ଲଜିନା ଆମନୁ ଆମିନୁ ବିଲ୍‌ଲ୍ଲାହେ ଓ୍ୱ ରସୁଲିହି ଓ୍ୱଲ୍ କିତାବି ଲଲଜି ନଜ୍ଜଲା ଆଲା ରସୁଲିହି ଓ୍ୱଲ୍ କିତାବି ଲଲଜି ଅନ୍‌ଜଲା ମିନ୍‌କବଲ୍ । ଓ୍ୱମଇଁ ୟକ୍ ଫୁର୍ ବିଲ୍‌ଲାହେ ଓ୍ୱ ମଲାଇକତିହି ଓ୍ୱ କୁତୁବିହି ଓ୍ୱ ରୁସୁଲିହି ଓ୍ୱଲ୍ ୟୌ ମିଲ୍ ଆଖିର୍ ଫକଦ୍ ଜଲ୍ଲା ଜଲାଲମ୍ ବଇଦାʼʼ । ଅର୍ଥାତ୍- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ଓ ତାଙ୍କ ରସୁଲଙ୍କ ଉପରେ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଅଛି ଏବଂ ଏହାଙ୍କ ପୂର୍ବରୁ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଥିଲା ସେମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କର; ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ, ତାହାଙ୍କ ଫରିସ୍ତା ମାନଙ୍କୁ, ତାହାଙ୍କ ଧର୍ମଗ୍ରନ୍ଥଗୁଡିକୁ, ତାହାଙ୍କ ରସୁଲ୍‌ମାନଙ୍କୁ ତଥା ଅନ୍ତିମ ଦିବସକୁ ଅସ୍ୱୀକାର କରେ (ତେବେ ଜାଣି ରଖ ଯେ) ସେ ଅତିଶୟ ବିଭ୍ରାନ୍ତିରେ ପଡ଼ିଯାଇଛି । ଅର୍ଥାତ୍- ମୁକ୍ତିରୁ ବଂଚିତ ହୋଇଥାଏ । (ନିସା:୧୩୭)

*(୫)* ***ଅଲ୍ଲାଃଙ୍କ ନିର୍ଦ୍ଦେଶ-*** ʻʻଓ୍ୱ ମା କାନା ଲିମୁମିନିଓଁ ଓ୍ୱଲା ମୁମିନତିନ୍ ଇଜା କଜଲ୍‌ଲ୍ଲାହୋ ଓ୍ୱ ରସୁଲୁହୁ ଅମ୍‌ରନ୍ ଅଇଁ ୟକୁନା ଲହୁମୁଲ୍ ଖିୟରତୋମିନ୍ ଅମ୍‌ରିହିମ୍ । ଓ୍ୱ ମଇଁ ୟାସିଲ୍‌ଲ୍ଲାହା ଓ୍ୱ ରସୁଲହୁ ଫକଦ୍ ଜଲ୍‌ଲ୍ଲା ଜଲାଲମ୍ ମୁବିନାʼʼ । ଅର୍ଥାତ୍- ଏବଂ ଯେବେ ଅଲ୍ଲାଃ ଓ ତାହାଙ୍କ ରସୁଲ କୌଣସି ବିଷୟରେ କିଛି ନିଷ୍ପତି କରନ୍ତି ତେବେ କୌଣସି ବିଶ୍ୱାସକାରୀ ପୁରୁଷ ବା ବିଶ୍ୱାସକାରିଣୀ ନାରୀ ସ୍ୱଇଚ୍ଛାରେ ନିଜ ବିଷୟକୁ ନିଷ୍ପତି କରିବା ଉଚିତ୍ ନୁହେଁ; ଏବଂ ଯେ କେହି ଅଲ୍ଲାଃ ଓ ତାହାଙ୍କର ରସୁଲଙ୍କର ଅବଜ୍ଞା କରେ, ସେ ପ୍ରକାଶ୍ୟ ଭ୍ରାନ୍ତିରେ ନିପତିତ ହୁଏ । ଅର୍ଥାତ୍- ମୁକ୍ତିରୁ ବଂଚିତ ହୋଇଥାଏ । କାରଣ ମୁକ୍ତି କେବଳ ସତ୍ୟବାଦୀଙ୍କୁ ହିଁ ମିଳିଥାଏ । (ଅଲ୍ ଅହଜାବ୍:୩୭)


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

(୬) ***ଅଲ୍ଲାଃଙ୍କ ନିର୍ଦ୍ଦେଶଃ-*** ''ୱ ମଇଁ ଯାସିଲ୍‌ଲ୍ଲାହା ୱ ରସୁଲହୁୱ୍‌ ଯତ୍‌ଅଦ୍ଦା ହୁଦୁଦହୁ ଯୁଦ୍‌ଖିଲ୍‌ହୁ ନାରନ୍ ଖାଲିଦନ୍ ଫିହା । ୱ ଲହୁ ଅଜାବୁମ୍ ମୁହିନ୍'' । ଅର୍ଥାତ୍- ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କୁ ଅବଜ୍ଞା କରେ ଏବଂ ତାହାଙ୍କର (ନିର୍ଦ୍ଧାରିତ) ସୀମା ଲଙ୍ଘନ କରେ ତାହାକୁ ସେ (ନର୍କ) ଅଗ୍ନିରେ ପ୍ରବେଶ କରାଇବେ ଯହିଁରେ ସେ ବହୁକାଳ ବାସ କରିବ; ଏବଂ ତା' ପାଇଁ ଅପମାନଜନକ ଶାସ୍ତି (ନିୟତ) ଅଛି । (ଅଲ୍ ନିସା:୧୫)

ଏବେ ଦେଖନ୍ତୁ, ରସୁଲ୍‌ଙ୍କ ଠାରୁ ସମ୍ପର୍କ ବିଚ୍ଛିନ୍ନ କରିବା ଦ୍ୱାରା କେତେ ବଡ଼ ଅପରାଧ ହୋଇପାରେ ଯେ ସର୍ବ ଶକ୍ତିମାନ ଅଲ୍ଲାଃତାଲା କହୁଛନ୍ତି କି ଯେଉଁବ୍ୟକ୍ତି ରସୁଲ୍‌ଙ୍କର ଅବଜ୍ଞା କରିଥାଏ ସେ ସବୁବେଳପାଇଁ ନର୍କରେ ପଡ଼ିଥାଏ । କିନ୍ତୁ ମିଆଁ ଅବ୍‌ଦୁଲ୍ ହକିମ୍ କହୁଛନ୍ତି କି 'ଯେଉଁ ବ୍ୟକ୍ତି ନବୀକରିମଙ୍କୁ ନ ମାନି ତାଙ୍କ ଅବଜ୍ଞା କରିଥାଏ ଯଦିଚ ସେ କେବଳ ଏକେଶ୍ୱରବାଦ ଉପରେ ବିଶ୍ୱାସ ରଖେ ତେବେ ସେ ନିଶ୍ଚିତରୂପେ ସ୍ୱର୍ଗଗାମୀ ହୋଇପାରିବ' । ମୁଁ ଜାଣିପାରୁନାହିଁ ଯେ ତାଙ୍କ ପେଟ ଭିତରେ କେଉଁ ପ୍ରକାର ଏକେଶ୍ୱରବାଦ ଅଛି, ଯାହା ନବୀକରିମ୍‌ଙ୍କର ବିରୋଧୀ ହୋଇ ମଧ ତାଙ୍କୁ ସ୍ୱର୍ଗରେ ପହଂଚାଇପାରୁଛି ? (ଲାନ୍ ତୁଲ୍ଲାହେ ଅଲଲ୍ କାଜେବିନ୍)

(୭) ***ଅଲ୍ଲାଃଙ୍କ ନିର୍ଦ୍ଦେଶଃ-***''ୱ ମାଁ ଅର୍‌ସଲ୍ ନା ମିର୍ ରସୁଲିନ୍ ଇଲ୍ଲା ଲିୟୁତାଆ ବେଇଜ୍‌ନିଲ୍ଲାହେ'' । ଅର୍ଥାତ୍-ଏବଂ ଆମ୍ଭେ ପ୍ରତ୍ୟେକ ରସୁଲଙ୍କୁ କେବଳ ଏଥି ସକାଶେ ପ୍ରେରିତ କରିଅଛୁ ଯେ ଅଲ୍ଲାଃଙ୍କ ଆଦେଶ କ୍ରମେ ତାହାଙ୍କର ଆଜ୍ଞା ପାଳନ କରାଯାଉ । (ଅଲ୍ ନିସା:୬୫) ଏହି ଆୟାତରୁ ସ୍ପଷ୍ଟ ହେଉଅଛି ଯେ ନବୀଙ୍କର ଆଜ୍ଞା ପାଳନ କରିବା ଧାର୍ଯ୍ୟ ଅଟେ । ତେଣୁ ଯେଉଁ ବ୍ୟକ୍ତି ନବୀଙ୍କ ଆଜ୍ଞାର ପାଳନ ନ କରେ ସେ କିପରି ମୁକ୍ତି ପାଇପାରିବ ?

(୮) ***ଅଲ୍ଲାଃଙ୍କ ନିର୍ଦ୍ଦେଶଃ-*** ''କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁ ନଲ୍ଲାହା ଫତ୍‌ତବିଉନି ୟୁହୁବିବ୍‌କୁମୁଲ୍‌ଲ୍ଲାହୁ ୱ ଯଗ୍‌ଫିର୍ ଲକୁମ୍ ଜୁନୁବକୁମ୍ ୱଲ୍‌ଲ୍ଲହୋ ଗଫୁରୁର୍ ରହିମ୍ । କୁଲ୍ ଅତିଉଲ୍‌ଲ୍ଲାହା ୱର୍ ରସୁଲା ଫଇନ୍ ତୱଲ୍ଲଓ ଫଇନ୍ନଲ୍‌ଲ୍ଲାହା ଲା ୟୁହିବ୍‌ବୁଲ୍ କାଫିରିନ୍'' । ଅର୍ଥାତ୍- ତୁମ୍ଭେ କୁହ, ''(ହେ ଲୋକମାନେ!) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର; ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ;'' । ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । ତୁମ୍ଭେ କୁହ, ''ତୁମେମାନେ ଅଲ୍ଲାଃଙ୍କର ଏବଂ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳନ କର;'' କିନ୍ତୁ ଯଦି ସେମାନେ ବିମୁଖ ହୁଅନ୍ତି ତେବେ (ମନେରଖ ଯେ) ଅଲ୍ଲାଃ ଅବିଶ୍ୱାସକାରୀମାନଙ୍କୁ କଦାପି ପ୍ରେମ କରନ୍ତି ନାହିଁ । (ଆଲେ ଇମ୍‌ରାନ୍:୩୨)

ଏହି ଆୟାତଗୁଡିକରୁ ଉତମ ରୂପେ ସ୍ପଷ୍ଟ ହୋଇଯାଉଛି ଯେ ପାପରୁ ମୁକ୍ତି ଓ ଅଲ୍ଲାଃଙ୍କର ପ୍ରେମ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ମିଳିଥାଏ ଏବଂ ଯେଉଁ ଲୋକମାନେ ଏହା ଉପରେ ବିଶ୍ୱାସ ନକରନ୍ତି ସେମାନେ କାଫିର୍ ଅଟନ୍ତି ।

***(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୨୭-୧୩୦)***

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତତ୍, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ଯବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଉଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାର ଏକ ଯବର୍‌ଦସ୍ତ ପ୍ରମାଣ

''ୱଲଓ ତକଓ୍ୱଲା ଆଲୈନା ବାଜଲ ଅକାୱିଲ୍ ଲ ଅଖଜ୍‌ନା ମିନ୍‌ହୁ ବିଲ୍‌ୟମିନ୍ ସୁମ୍ମା ଲକତ୍‌ଅନା ମିନ୍‌ହୁଲ୍ ୱତିନ୍''

ଅର୍ଥାତ୍-ଯଦି ସେ କିଛି କଥାକୁ ମିଥ୍ୟାରୂପେ ମୋ ତରଫରୁ ଆସିଅଛି ବୋଲି କହିଥାନ୍ତା ତେବେ ଆମେ ନିଶ୍ଚିତରୂପେ ଡ଼ାହାଣ ହାତରେ ତାକୁ ଧରିଥାନ୍ତୁ (ଦଣ୍ଡିତ କରିଥାନ୍ତୁ) । ପୁଣି ଆମ୍ଭେ ନିଶ୍ଚିତ ରୂପେ ତାର ଗଳାକୁ କାଟିଦେଇଥାନ୍ତୁ ।

(ଅଲ୍‌ହାକା - ୪୫-୪୭)

ହଜ୍‌ରତ୍ ଅକ୍‌ଦସ ମିର୍ଜା ଗୁଲାମ୍ ଅହେମଦ୍ ସାହେବ କାଦିୟାନି ମସିହ୍ ମଉଦ ଓ ମେହ୍‌ଦି ମାହୁଦ୍ ଆ:ସ ସଂସ୍ଥାପକ ମୁସ୍‌ଲିମ୍ ଯମାତ୍ ଅହେମଦୀୟା ଇସ୍‌ଲାମର ସତ୍ୟତା ଏବଂ ଆଁ ହଜ୍‌ରତ ସ:ଆ:ସ ଙ୍କ ସହିତ ତାଙ୍କ ଆଧ୍ୟାତ୍ମିକ ସମ୍ପର୍କ ଅଛିବୋଲି ବାରମ୍ବାର ଅଲ୍ଲାଃତାଲାଙ୍କ ରାଣ ଖାଇ ଜଣାଇଲେ ଯେ ମୁଁ ଅଲ୍ଲାଃଙ୍କ ତରଫରୁ ଆସିଅଛି ।

ଏହିପରି ଏକାଧିକ ନିର୍ଦ୍ଦେଶଗୁଡିକୁ ଏକାଠି କରି ଗୋଟିଏ ପୁସ୍ତକ

**''ଖୁଦା କି କସମ୍''**

ନାମରେ ପ୍ରକାଶ କରାଯାଇଅଛି । ଏହି ପୁସ୍ତକକୁ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ପୋଷ୍ଟକାର୍ଡ଼ / ଇ-ମେଲ୍ ଦ୍ୱାରା ମାଗଣାରେ ପାଇପାରିବେ ।

E-Mail : ansarullahbharat@gmail.com

Ph:- 01872-220186

Fax:- 01872-224186

**Postal Address :-**

Aiwan-e-Ansar, Mohalla Ahmadiyya,

Qadian-143516, Punjab

For online visit:-www.alislam.org/urdu/library/57.html

# ଖୁତ୍‌ବା ଜୁମା

◆ ଯଦି ଆପଣଙ୍କ ଘରର ଜନସଂଖ୍ୟା ବୃଦ୍ଧି ପାଇଛି, ଯଦି ଆପଣଙ୍କ ଧନ ବୃଦ୍ଧି ପାଇଛି, ଜମାତକୁ ଭବନ ନିର୍ମାଣ ଦୃଷ୍ଟିରୁ ଅଲ୍ଲାଃତାଲା ବିସ୍ତାର ଲାଭ କରିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ତେବେ ପ୍ରକୃତରେ ଏହି କଥାରୁ ଆମେମାନେ ଅଲ୍ଲାଃତାଲାଙ୍କର କୃତଜ୍ଞ ହେବା ଆବଶ୍ୟକ ।

◆ ଅଲ୍ଲାଃତାଲା ଆପଣମାନଙ୍କୁ ଆପଣଙ୍କ ବାପ, ଦାଦାଙ୍କୁ ଅହମଦୀୟତ୍ ଗ୍ରହଣ କରିବା ପାଇଁ ଶକ୍ତି ଦେଇଛନ୍ତି, ତେବେ ଏହା ଅଲ୍ଲାଃତାଲାଙ୍କର ବିଶେଷ ଦୟା ଅଟେ ଏବଂ ଅଲ୍ଲାଃତାଲା କୌଣସି ପୁଣ୍ୟ ଯୋଗୁ ଉକ୍ତ ଦୟା ପ୍ରଦାନ କରିଛନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ ଦୟାଗୁଡିକୁ ଜାରିରଖିବା ପାଇଁ ସେହି ପୁଣ୍ୟଗୁଡିକରେ ଆମକୁ ବଢ଼ିଚାଲିବା ଓ ନିଜର ପରିସ୍ଥିତିକୁ ପୂର୍ବାପେକ୍ଷା ଆହୁରି ଭଲ କରିବା ନିହାତି ଆବଶ୍ୟକ ।

◆ ପ୍ରତ୍ୟେକ ଶ୍ରେଣୀ ଓ ପ୍ରତ୍ୟେକ ପ୍ରକାରର ଲୋକମାନଙ୍କୁ ଯେଉଁମାନେ ଅହମଦୀୟତ୍‌ରେ ମିଶିଛନ୍ତି, ସେ ଜନ୍ମଗତ ହୁଅନ୍ତୁ କିମ୍ବା ପରେ ଦୀକ୍ଷା ଗ୍ରହଣ କରି ଆସିଥିବାବାଲା ହୁଅନ୍ତୁ କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହୋଇ ଆସିଥାନ୍ତୁ ଅଥବା ଏଠାକାର ରହିବାବାଲା ହୁଅନ୍ତୁ । ସମସ୍ତଙ୍କୁ ଏହି କଥା ଉପରେ ଚିନ୍ତା କରିବା ଦରକାର ଯେ, ସେମାନେ ଇସ୍‌ଲାର ପ୍ରକୃତ ଶିକ୍ଷା ଉପରେ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ତେବେ ଯାଇ ହଜ୍‌ରତ୍ ମହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଙ୍କ ପବିତ୍ର ସତ୍ୟ ଦାସର ଦୀକ୍ଷା ଗ୍ରହଣ କରିବାର ଅଧିକାରକୁ କାର୍ଯ୍ୟରେ ପରିଣତ କରିପାରିବେ ।

◆ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ବିଭିନ୍ନ ନିର୍ଦ୍ଦେଶାବଳୀର ଦୃଷ୍ଟାନ୍ତରୁ ପୁଣ୍ୟ, ଅଲ୍ଲାଃଙ୍କ ପ୍ରତି ଭୟରେ ଅଟଳ ହେବା, ଲୋକମାନଙ୍କ ପ୍ରତି ଦୟା ଆଚରଣ ଦେଖାଇବା, ମାନବିକତାରେ ଉନ୍ନତି ଆଣିବା, ପ୍ରଚାର କରିବା, ବିଶ୍ୱାସରେ ଉନ୍ନତି ଆଣିବା ପାଇଁ, ଅଯଥା କଥାରୁ ବଂଚିତ ହେବା ଇତ୍ୟାଦି ନିର୍ଦ୍ଦେଶାବଳୀ ବିଷୟରେ ଆବଶ୍ୟକୀୟ ଉପଦେଶାବଳୀ–

◆ ସେହି ଲୋକମାନେ, ଯେଉଁମାନେ କହିଥାନ୍ତି ଯେ, ଆମେ ବହୁତ୍ ଦୁଆ (ପ୍ରାର୍ଥନା) କଲୁ, ବହୁତ ଲମ୍ବା ଲମ୍ବା ଦୁଆ କଲୁ, ବଡ଼ ବଡ଼ ଦୁଆ କଲୁ, କିନ୍ତୁ ଗ୍ରହଣୀୟ ହେଲା ନାହିଁ । ନିଜ ହୃଦୟ ଭିତରେ ଖୋଜ, ନିରୀକ୍ଷଣ କର ଯେ, କେଉଁଠି କୌଣସି ପ୍ରକାରେ ଲୁକ୍‌କାୟୀତ ମତଭେଦ ତ ରହିଯାଇନାହିଁ । କୌଣସି ପ୍ରକାର କୁସଂସ୍କାରରେ ତ ସମ୍ପୃକ୍ତ ନୁହଁ କିମ୍ବା ଏପରିତ ହୋଇନାହିଁ ଯେ, ଯାହାକୁ ଅଲ୍ଲାଃତାଲା ମନା କରିଛନ୍ତି ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ:୬ମଇ ୨୦୧୬ ଅନୁଯାୟୀ ୦୬ ହିଜ୍‌ରତ୍ ୧୩୯୫ ସମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ– ପ୍ରାୟ ୧୧ ବର୍ଷ ପୂର୍ବରୁ ମୁଁ ଏଠାକୁ ଆସିଥିଲି । ସମୟ ଅତିବାହିତ ହେବାର ଜଣାପଡୁନାହିଁ । କେତେକ ଛୋଟ ଶିଶୁ ଥିଲେ ସେମାନେ ଯୁବକ ହୋଇଯାଇଥିବେ । କେତେକ ଏମିତି ବି ଥିବେ ଯେଉଁମାନେ ପିଲାମାନଙ୍କ ପିତା, ମାତା ହୋଇଯାଇଥିବେ । ଖୋଲାଖୋଲି ଭାବରେ ମଧ୍ୟ ଅଲ୍ଲାଃତାଲା ଜମାତ୍ ଉପରେ ବହୁତ୍ ଦୟା କରିଛନ୍ତି । ମସ୍‌ଜିଦ୍ ସହିତ ଗୋଟିଏ ବଡ଼ କୋଠରୀ, (ହଲ୍) କାର୍ଯ୍ୟାଳୟ, ପାଠାଗାର ଏବଂ ଅନ୍ୟ ସୁବିଧା ମିଳିଯାଇଛି । ସେହିପରି ମସ୍‌ଜିଦ୍ ସମ୍ମୁଖରେ ଯେଉଁ ଘର ନିଆଯାଇଥିଲା ତାହା ମଧ୍ୟ ପ୍ରସାରିତ ହୋଇଅଛି ଏବଂ ମିଶ୍‌ନାରୀଙ୍କ ବାସଗୃହ, ଅତିଥି ଭବନ ଆଉ ଏକ ବଡ଼ କୋଠରୀ ମଧ୍ୟ ପ୍ରାପ୍ତ ହୋଇଛି । ସବୁ ଅଲ୍ଲାଃତାଲାଙ୍କ ଦୟା ଅଟେ । ଯେପରି ଆପଣଙ୍କ ଘରର ଜନସଂଖ୍ୟା ବଢ଼ିଛି ଓ ଯେପରି ଆପଣଙ୍କ ଧନ ସମ୍ପତି ବଢ଼ିଛି ସେହିପରି ଜମାତ୍‌ର ଭବନ ଗୁଡିକୁ ମଧ୍ୟ ଅଲ୍ଲାଃତାଲା ପ୍ରସାରିତ କରିଛନ୍ତି ତେଣୁ ଏଥିପାଇଁ ଆମକୁ ଅଲ୍ଲାଃତାଲାଙ୍କର କୃତଜ୍ଞ ହେବା ଆବଶ୍ୟକ । ଏହି କୃତଜ୍ଞତା କିପରି ହେବା ଆବଶ୍ୟକ ଓ ଏହା କାହିଁକି ହେବା ଆବଶ୍ୟକ ? ଆମେ ଯେଉଁମାନେ ସମସ୍ତେ ଏ ଯୁଗର ପଥ ପ୍ରଦର୍ଶକଙ୍କୁ ମାନୁଛେ, ଯେ କି ଏକଥାରେ ବିଶ୍ୱାସ ରଖନ୍ତି କି, ଆମେ ସେହି ବ୍ୟକ୍ତିଙ୍କୁ ମାନିଛୁ, ଯାହାଙ୍କ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯଦିଓ ବିଶ୍ୱାସ (ଇମାନ୍) ଆକାଶକୁ ଚାଲିଯିବ ତେବେ ସେ, ତାହା ଫେରାଇ ଆଣିବେ । ତେବେ ଆମେ ଆମ ଚିନ୍ତାଧାରାକୁ ବିଶ୍ୱାସକାରୀଙ୍କ ପରି କରିବାକୁ ହେବ । ଆମକୁ ଆମର କୃତଜ୍ଞତା କେବଳ ମୁହଁରେ ''ଅଲ୍‌ହମ୍‌ଦୋଲିଲ୍ଲାଃ'' ଉଚ୍ଚାରଣ କରିଦେଇ ଖୁସି ହେବା କଥା ନୁହଁ ବରଂ ଏହା ଦେଖିବା କଥା ଯେ, ଆମେ କ'ଣ ଅଲ୍ଲାଃତାଲା ଦେଇଥିବା ଉପଦେଶ ଉପରେ ଅମଳ କରୁଛେ ? ଆମେ କ'ଣ ସେହିପରି ଜୀବନ ଅତିବାହିତ କରୁଛେ, ଯେପରି ଜଣେ ବିଶ୍ୱାସକାରୀ (ମୋମିନ) ଜୀବନ ଅତିବାହିତ କରିଥାଏ ଏବଂ ଯାହାର ବିଶ୍ଳେଷଣ ଅଲ୍ଲାଃତାଲା ଓ ତାଙ୍କ ରସୁଲ୍ କରିଛନ୍ତି ଓ ଯାହା ଏ ଯୁଗରେ ପ୍ରାଞ୍ଜଳ ଭାବରେ ଆମ ସମ୍ମୁଖରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଉପସ୍ଥାପନ କରିଛନ୍ତି ।

ବର୍ତମାନ ମୁଁ ମଧ୍ୟ ଏଠାକାର ଅହେମଦୀମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରିଥିଲି । ଯେତେବେଳେ ମୁଁ ଏଠାକୁ ଏଗାର ବର୍ଷ ପୂର୍ବରୁ ଆସିଥିଲି, ଯେପରିକି ମୁଁ ପୂର୍ବରୁ ଚର୍ଚ୍ଚା କଲି । ପ୍ରାୟ ସବୁବେଳେ ମୁଁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି । ଅଲ୍ଲାଃତାଲା ଆମକୁ ଯେଉଁ ଏମ୍.ଟି.ଏ ର ସୁବିଧା ଓ ସୁଯୋଗ ପ୍ରଦାନ କରିଛନ୍ତି ତା ମାଧ୍ୟମରେ ମୋ କଥାଗୁଡିକ ପ୍ରତ୍ୟେକ ଅହେମଦୀଙ୍କ ପାଖରେ ପହଂଚି ପାରୁଛି । କିନ୍ତୁ ଏହା ସର୍ତ ଅଟେ ଯେ, ସେମାନେ ଏହାକୁ ଶୁଣିବା ପାଇଁ ଚେଷ୍ଟା କରିବେ । ମୁଁ କହିଥିଲି ଯେ, ଅଲ୍ଲାଃତାଲା ଆପଣମାନଙ୍କୁ ଓ ଆପଣଙ୍କ ବାପ, ଦଦାଙ୍କୁ ଅହମଦୀୟତ ଗ୍ରହଣ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ତେବେ ଏହା ଅଲ୍ଲାଃତାଲାଙ୍କର ବିଶେଷ ଦୟା ଏବଂ ଅଲ୍ଲାଃତାଲା କୌଣସି ପୁଣ୍ୟ କର୍ମ ଯୋଗୁଁ ଏହି କରୁଣା ପ୍ରଦାନ କରିଛନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ କରୁଣାକୁ ଜାରି ରଖିବା ପାଇଁ ଉକ୍ତ ପୁଣ୍ୟ କାର୍ଯ୍ୟରେ ଆଗକୁ ବଢ଼ିଚାଲିବା ଓ ନିଜର ପରିସ୍ଥିତିକୁ ପୂର୍ବାପେକ୍ଷା ଉତ୍କୃଷ୍ଟ କରିବା ମଧ୍ୟ ନିଶ୍ଚିତ ଅଟେ । ଅଥବା ଆମକୁ ମନେ ରଖିବାକୁ ହେବ ଯେ, ଯଦି ଆମ ପାଦ ଆଗକୁ ନ ବଢ଼ି ରହିଯାଏ (ସ୍ଥିର ହୋଇଯାଏ) କିମ୍ବା ଆମେ ଧର୍ମ କାର୍ଯ୍ୟରେ ଅନୁପସ୍ଥିତ ଓ ଅମଙ୍ଗ ହେଉ ତେବେ ଆମେ ଏବଂ ଆମ ପରବର୍ତୀ ପିଢିକୁ ମଧ୍ୟ ଧର୍ମରୁ ଦୂରେଇଦେବା ବ୍ୟକ୍ତି ମଧ୍ୟରେ ପରିଗଣିତ ହେବା । ଏହିପରି ସେମାନଙ୍କୁ ଅଲ୍ଲାଃତାଲାଙ୍କ ଏହି ବିଶେଷ ଦୟାରୁ ଯାହାର ଭବିଷ୍ୟତ ବାଣୀ ଆଁ ହଜ୍‌ରତ୍ ସ:ଆ:ସ କରିଥିଲେ, ବଂଚିତ କରାଇଦେବା । ଅର୍ଥାତ୍ ମସିହ୍ ମଉଦ୍‌ଙ୍କ ଆଗମନ ଓ ତାଙ୍କୁ ମାନିବା, ଯେଉଁମାନଙ୍କ ବାପ, ଦଦା ଅହେମଦୀ ହୋଇଥିଲେ ଯଦିଓ ତାଙ୍କ ପିଢ଼ି ଧର୍ମରୁ ଦୂରକୁ ଚାଲିଗଲେ ତେବେ ସେମାନେ ନିଜ ବୟୋଜ୍ୟେଷ୍ଠଙ୍କ (ମୁରବିମାନଙ୍କ) ଦୁଆରୁ ବଂଚିତ ହୋଇଯିବେ । ଅଲ୍ଲାଃତାଲା ପୁଣ୍ୟର ଫଳ ଦେଇଥାନ୍ତି ଏବଂ ନିଶ୍ଚୟ ଦେଇଥାନ୍ତି । ଯଦି କେହି ପୁଣ୍ୟ କରେ ଓ ସ୍ୱଚ୍ଛତାର ସହିତ ଅଲ୍ଲାତାଲାଙ୍କ ସାନ୍ନିଧ ପାଇଁ କରେ ତେବେ ସନ୍ତାନମାନେ ମଧ୍ୟ ସେଥିରୁ ସାନ୍ନିଧ ଲାଭ କରିଥାନ୍ତି । କିନ୍ତୁ ତା ସହିତ ଅଲ୍ଲାଃତାଲା ଏକଥା ମଧ୍ୟ କହିଛନ୍ତି ଯେ, ତୁମକୁ ନିଜର କାର୍ଯ୍ୟ (ଅମଳ) କୁ ଠିକ୍ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ କରୁଣାର ଝରଣା ସର୍ବଦା ବହି ଚାଲିଥିବ । ଯେଉଁମାନଙ୍କ ମୁରବୀମାନେ ଅହେମଦୀ ହୋଇଥିଲେ ସେମାନେ ତ ନିଜ ବୟତ୍‌ର ପ୍ରତିଶ୍ରୃତିକୁ ପାଳନ କଲେ ଏବଂ ସଂସାରରୁ ଚାଲିଗଲେ ଏବଂ ଏହି ସଦ୍ଇଚ୍ଛା ଓ ପ୍ରାର୍ଥନା କରି ସେ ଚାଲିଗଲେ କି, ତାଙ୍କ ପରବର୍ତୀ ପିଢି ମଧ୍ୟ ସେହି ପ୍ରତିଶ୍ରୃତିକୁ ପାଳନ କରିବେ । ବର୍ତମାନ ଆପଣମାନଙ୍କ ମଧ୍ୟରେ ଅନେକ ଏପରି ଅଛନ୍ତି, ଯେଉଁମାନଙ୍କୁ ଏହା ଚିନ୍ତାକରିବା ଆବଶ୍ୟକ ଯେ, କ'ଣ ଆମେ ସେହି ପ୍ରତିଶ୍ରୃତିକୁ ପାଳନ କରୁଅଛୁ, ଯାହାକୁ ଆମ ପୂର୍ବଜ ଆମକୁ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଥିଲେ ବା ଯେଉଁ ମାର୍ଗରେ ପରିଚାଳିତ ହେବା ପାଇଁ ଆମ ବୟୋଜ୍ୟେଷ୍ଠମାନେ ଚାହୁଁଥିଲେ । ଏ କଥାର ଅନୁଧ୍ୟାନ

କରିବା ଆବଶ୍ୟକ ଯେ, ପ୍ରକୃତରେ କଣ ଆମେ ନିଜ ବୟତ୍‌ର ପ୍ରତିଶ୍ରୁତିକୁ ପାଳନ କରୁଅଛୁ ବା କେବଳ ପ୍ରଥା ଅନୁସାରେ ଆମ୍ଭେମାନେ ବଡ଼ ମାନଙ୍କର ଧର୍ମରେ କାଏମ୍ ରହିଛୁ ବା କେବଳ ବନ୍ଧୁ ବାନ୍ଧବ ଓ ସାମାଜିକ ସମ୍ପର୍କ ଯୋଗୁଁ ଜମାତ୍‌ରେ ରହିଛୁ ଏବଂ ଏବେ ଏଠି ବସିଛୁ ।

ସେହିପରି ଯେଉଁମାନେ ନିଜେ ଅହମଦୀୟତ୍ ଗ୍ରହଣ କରିଛନ୍ତି, ସେମାନେ ଏକଥା ଅନୁଧ୍ୟାନ କରନ୍ତୁ ଯେ, କଣ ଆମେ ଆମ ବିଶ୍ୱାସରେ ଆଗକୁ ବଢ଼ିଚାଲିଛୁ ଓ ନିଜ କାର୍ଯ୍ୟଭାରକୁ ସୁଚାରୁରୂପେ ତୁଲାଇବା ପାଇଁ ଚେଷ୍ଟା କରୁଅଛୁ, ତତ୍ପର ଅଛୁ ଅଥବା, ତାହା କେବଳ ଏକ ସୀମିତ ସମୟର ସାମୟିକ ଉତ୍ସାହ ଥିଲା, ଯେଉଁଥି ଯୋଗୁଁ ଅହମଦୀୟତ ଗ୍ରହଣ କରିନେଲୁ । କୌଣସି କଥାରେ ଆକୃଷ୍ଟ ହୋଇ ଅହମଦୀୟତ୍ ଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ସେଠି ହିଁ ଛିଡ଼ା ହୋଇଛନ୍ତି ଯେଉଁଠି ପ୍ରଥମରୁ ଥିଲେ । ଲାଭ ତ ଆମକୁ ସେତେବେଳେ ଯାଇ ମିଳିବ ଯେତେବେଳେ ଆମର ପ୍ରତ୍ୟେକ ପାଦ ଉନ୍ନତି ଆଡକୁ ଅଗ୍ରସର ହେବ । ଯେଉଁମାନେ ବିକଶିତ ଦେଶଗୁଡିକୁ ହିଜ୍‌ରତ୍ କରି ଚାଲି ଆସୁଛନ୍ତି ସେହି ଦେଶ ଗୁଡିକରେ ସେମାନଙ୍କୁ ରୀତିମତେ ଏହା ଦେଖିବା ଆବଶ୍ୟକ ଯେ, ସେମାନଙ୍କର ସ୍ୱଚ୍ଛଳତା ସେମାନଙ୍କୁ ଧର୍ମରୁ ଦୂରକୁ ତ ନେଇ ଯାଇନାହିଁ ? ୟୁରୋପ୍ ର ଅଗ୍ରଗତି ଦ୍ୱାରା ପ୍ରଭାବିତ ହୋଇ ଧର୍ମକୁ ଭୁଲିଯାଇନାହାଁନ୍ତି ତ ? ଅଲ୍ଲାଃତାଲାଙ୍କ ଦୟାରୁ ଏଠାକୁ କୋଶବ (ଦେଶ) ପୂର୍ବ ୟୁରୋପ୍‌ରୁ ମଧ୍ୟ ବହୁତ୍ ଲୋକ ଆସିଛନ୍ତି, ଯେଉଁମାନେ ଅହେମଦୀୟତ୍ ଗ୍ରହଣ କରିଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସଚ୍ଚା ଦାସଙ୍କୁ ମାନିଛନ୍ତି । ସେମାନଙ୍କୁ ମଧ୍ୟ ମନେ ରଖିବା ଉଚିତ୍ ଯେ, ସେମାନଙ୍କ ଉପରେ ଅଲ୍ଲାଃତାଲା ବହୁତ୍ ବଡ଼ ଦୟା କରିଛନ୍ତି ।

ପ୍ରକାଶ ଥାଉକି ଏଠାରେ ବିଭିନ୍ନ ପ୍ରକାରର ଲୋକ ଅଛନ୍ତି । ପ୍ରତ୍ୟେକ ଗୋଷ୍ଠି ଓ ପ୍ରତ୍ୟେକ ଜାତିର ଲୋକମାନେ ଅହେମଦୀୟତ୍‌ରେ ସାମିଲ୍ ହୋଇଛନ୍ତି । ସେମାନେ ଜନ୍ମରୁ ହୁଅନ୍ତୁ ବା ପରେ ବୟତ୍ କରି ସାମିଲ୍ ହୋଇଥାନ୍ତୁ ବା ହିଜ୍‌ରତ୍ କରି ଆସିଥାନ୍ତୁ ବା ଏଠାକାର ବାସିନ୍ଦା ହୋଇଥାନ୍ତୁ ସମସ୍ତଙ୍କୁ ଏ ବିଷୟରେ ଧ୍ୟାନଦେବା ଆବଶ୍ୟକ ଯେ, ସେମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ । ତେବେ ଯାଇ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲା ସ:ଆ:ସ ଙ୍କ ସଚ୍ଚା ଦାସଙ୍କର ବୟତ୍ ଗ୍ରହଣ କରିବାର ଦୀକ୍ଷାକୁ ସୁଚାରୁରୂପେ ତୁଲାଇ ପାରିବା ।

ଯେପରିକି ମୁଁ ପୂର୍ବରୁ କହିଲି, ଜନ୍ମଗତ ଅହେମଦୀ କିମ୍ବା ପୁରୁଣା ଅହେମଦୀ ହୁଅନ୍ତୁ ବା ନୂଆ ଅହେମଦୀ ହୁଅନ୍ତୁ, ପ୍ରତ୍ୟେକ ଅହେମଦୀ ମହିଳା ଓ ପୁରୁଷଙ୍କୁ ଅନୁଧ୍ୟାନ କରିବା ଆବଶ୍ୟକ ଯେ, ସେମାନେ କଣ ବୟତ୍‌ର ଦାୟିତ୍ୱ ତୁଲାଉଛନ୍ତି କିମ୍ବା ଦାୟିତ୍ୱ ତୁଲାଇବା ପାଇଁ ଚେଷ୍ଟା କରୁଛନ୍ତି କି ? ଆମ ଉପରେ ଯେଉଁ ଦାୟିତ୍ୱ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନ୍ୟସ୍ତ କରିଛନ୍ତି ତାହା ଆମେମାନେ ପାଳନ କରିବା ପାଇଁ ଚେଷ୍ଟା କରୁଛେ କି ? ନିଜ ପରିସ୍ଥିତିକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଅନୁଯାୟୀ ଢ଼ାଳିବା ପାଇଁ ଚେଷ୍ଟା କରୁଛେ ? ଆମେ କଣ ଆମ ସନ୍ତାନ ମାନଙ୍କର ସେହି ରଙ୍ଗରେ ସଂସ୍କାର ଦେଇପାରିବା ପାଇଁ ଚେଷ୍ଟା କରୁଛେ ? ଯଦ୍ୱାରା ସେମାନଙ୍କ ଭିତରେ ଧର୍ମକୁ ସଂସାର ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ଆରମ୍ଭରୁ ଇଚ୍ଛା ଜନ୍ମ ହୋଇଯାଉ । କଣ ଆମ ଅମଳ ଇସ୍‌ଲାମୀୟ ଶିକ୍ଷା ମୁତାବକ ଆମ ସନ୍ତାନମାନଙ୍କ ପାଇଁ  ଉଦାହରଣ ଅଟେ କି ? କଣ ଆମ ନମାଜ, ଆମର ଉପାସନା ଏବଂ ଆମର ପ୍ରତ୍ୟେକ ଅମଳ ଅଲ୍ଲାଃତାଲା ଏବଂ ତାଙ୍କ ରସୁଲଙ୍କ ଦ୍ୱାରା ପ୍ରବର୍ତାଇ ଥିବା ଶିକ୍ଷା ମୁତାବକ ଅଟେ କି ? ଏ ବିଷୟରେ ପ୍ରତ୍ୟେକଙ୍କୁ ଅନୁଧ୍ୟାନ କରି ଜାଣିବା ଉଚିତ୍ । ଏହି କଥାର ଗୁଢ଼ତାକୁ ଜାଣିବା ଓ ନିଜ ଅନୁଧ୍ୟାନକୁ ଉଚ୍ଚକୋଟୀର କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ମାର୍ଗ ଦର୍ଶନ କରିଛନ୍ତି ।

ବର୍ତମାନ ମୁଁ ସେଥିରୁ କିଛି କଥା ଉପସ୍ଥାପନ କରିବି ଯାହାକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ଆଶା କରୁଛନ୍ତି ।

''ଆମ ଜମାତ୍ ପାଇଁ ଏହି ବିଶୃଙ୍ଖଳିତ ଯୁଗରେ ଯେତେବେଳେ କି ସବୁଆଡ଼େ ଅପରାଧ, ଅବହେଳା ଓ ପଥଭ୍ରଷ୍ଟର ପବନ ବହୁଛି ଅଲ୍ଲାଃତାଲାଙ୍କ ଭୟ ରଖିବା ଉଚିତ୍ । ସଂସାରର ଏହି ଅବସ୍ଥା ଯେ, ଅଲ୍ଲାଃତାଲାଙ୍କ ଆଦେଶର ସମ୍ମାନ କରାଯାଉ ନାହିଁ, ଅଧିକାର ଓ କର୍ତବ୍ୟକୁ ପାଳନ କରାଯାଉନାହିଁ । (ନା ନିଜର କର୍ତବ୍ୟ ପାଳନ କରୁଛନ୍ତି ନା ଯାହା କୁହାଯାଇଛି ତାହା ତୁଲାଉଛନ୍ତି)'' ସାଂସାରିକ କାର୍ଯ୍ୟରେ ଅତ୍ୟଧିକ ବୁଡ଼ି ରହିଛନ୍ତି । ସଂସାରର କିଂଚିତ୍ କ୍ଷତି ଦେଖି ଧର୍ମକୁ ତ୍ୟାଗ କରିଦେଉଛନ୍ତି । ବର୍ତମାନ ଏ ଯୁଗରେ ସଂସାରକୁ ଧର୍ମ ଉପରେ ପ୍ରାଥମିକତା ଦିଆଯାଉଅଛି । ଆପଣ କହୁଛନ୍ତି କି ''ସଂସାରର ସ୍ୱଳ୍ପ କ୍ଷତିକୁ ଦେଖି ଧର୍ମକୁ ପଛ କରିଦେଉଛନ୍ତି ଏବଂ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶଗୁଡ଼ିକୁ ପାଶୋରି ଦେଉଛନ୍ତି । ଯେପରି ଏସବୁ ବିଷୟ ମୋକଦ୍ଦମା ବାଜି ଏବଂ ଭାଗ ବଂଟା ବଂଟି ସମୟରେ ଦେଖାଯାଏ'' । ବନ୍ଧୁବାନ୍ଧବ ମଧ୍ୟରେ ସମ୍ପତିକୁ ନେଇ ଭାଗ ବଂଟା ହେଉଅଛି କିମ୍ବା ଅସୁବିଧା ସୃଷ୍ଟି ହେଉଅଛି । ସେଠି ଏକଥା ଦେଖାଯାଉଛି । ଆଜି ଏକଥା ନିତିଦିନିଆ କଥାହୋଇଗଲାଣି । ପୁଣି କହିଲେ ''ଲୋଭ ରଖି ନିଜର ସ୍ୱାର୍ଥ ପାଇଁ ଅନ୍ୟ ସହିତ ସମ୍ପର୍କ ରଖନ୍ତି । ଯେ ପର୍ଯ୍ୟନ୍ତ ଅଲ୍ଲାଃତାଲା ସେମାନଙ୍କୁ ଦୁର୍ବଳ କରି ରଖିଛନ୍ତି ସେ ପର୍ଯ୍ୟନ୍ତ ତାଙ୍କର ପାପ କରିବାର ସାହାସ ହେଉନାହିଁ । ଯେତେବେଳେ ଦୁର୍ବଳତା ଟିକିଏ ଉଭେଇଯାଉଛି ଏବଂ ପାପ କରିବାର ସୁଯୋଗ ମିଳିଯାଉଛି। ସେତେବେଳେ ଆଖିପିଛୁଳାକେ ପାପ ଆଡକୁ ଢ଼ଳିଯାଉଛନ୍ତି । ଯଦି ଓ ପାପରୁ ବଂଚିତ ଅଛନ୍ତି ଏଥିପାଇଁ ନୁହେଁ ଯେ, ପୁଣ୍ୟର ମାତ୍ରା ବଢ଼ିଯାଇଛି । ଏଥିପାଇଁ ଯେ, ସାହାସ ନାହିଁ, କେତେକ ଜିନିଷରେ ଭୟ ଅଛି । କିନ୍ତୁ ଯେତେବେଳେ ସେହି ଭୟ ଦୂର ହୋଇଯାଉଛି ତେବେ ପୁଣି ପାପ କରିବାରେ ଲାଗି ପଡ଼ନ୍ତି । କହିଲେ ''ଆଜି ଏହି ଯୁଗରେ ପ୍ରତି ସ୍ଥାନରେ ଖୋଜିଲେ ଏହା ମିଳିବ ଯେ, (ସଚ୍ଚା ତକ୍‌ୱା) ବାସ୍ତବିକ ଅଲ୍ଲାଃଙ୍କ ଭୟ ଉଠିଯାଇଛି ଓ ପ୍ରକୃତ ବିଶ୍ୱାସ ନାହିଁ । କିନ୍ତୁ ଅଲ୍ଲାଃତାଲା ଚାହୁଁଛନ୍ତି ଯେ, ସେମାନଙ୍କର ପ୍ରକୃତ ଭୟ ଓ ବିଶ୍ୱାସର ବିହନ କଦାପି ନଷ୍ଟ ନ ହେଉ । ଯେଉଁ ଲୋକମାନଙ୍କ ମଧ୍ୟରେ ଭୟ ଓ ବିଶ୍ୱାସର ବିହନ ଅଛି ତାକୁ ନଷ୍ଟ ନ କରାଯାଉ । ଅଲ୍ଲାତାଲା ଏହା ହିଁ ଚାହୁଁଛନ୍ତି । କହିଲେ ''ଯେତେବେଳେ (ଅଲ୍ଲାତାଲା) ଦେଖିଥାନ୍ତି ଯେ, ବର୍ତମାନ ତାର କରୁଣା ସମ୍ପୁର୍ଣ୍ଣ ରୂପେ ନିପାତ ହେବାକୁ ବସିଲାଣି, ତେବେ ସେ ଆହୁରି ଅଧିକ ଦୟା ପରବଶ ହୋଇଥାନ୍ତି । ସେହି ତାଜା ତାଜା କୋରାନ୍ ଗଚ୍ଛିତ ରହିଛି । ଯେପରି ଖୋଦାତାଲା କହିଥିଲେ ''ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍‌ଜିକରା ୱ ଇନ୍ନା ଲହୁ ଲ ହାଫେଜୁନ୍ (ଅଲ୍ ହଜର୍:୧୦) । ହଦିସ୍‌ର ବହୁତ ଅଂଶ ମହଜୁଦ୍ ରହିଛି ଏବଂ ତାର ବରକାତ୍ ମଧ୍ୟ ବହୁତ ରହିଛି । କିନ୍ତୁ ହୃଦୟରେ ବିଶ୍ୱାସ ଓ କାର୍ଯ୍ୟରେ ଅମଳ ବିଲ୍‌କୁଲ୍ ନାହିଁ । ଆପଣ କହୁଛନ୍ତି କି ଅଲ୍ଲାଃତାଲା ମୋତେ ଏଥିପାଇଁ ପ୍ରେରଣ କରିଛନ୍ତି କି, ଏକଥା ଗୁଡିକ ପୁନର୍ବାର ସୃଷ୍ଟିହେଉ । ଯେତେବେଳେ ଅଲ୍ଲାଃତାଲା ଦେଖିଲେ କି, ମଇଦାନ୍ ଖାଲି ରହିଛି ତେବେ ତାଙ୍କର ପ୍ରଭୁତ୍ୱର ଇଚ୍ଛାକୁ କଦାପି ପସନ୍ଦ କଲା ନାହିଁ କି, ଏହି ମଇଦାନ୍ ଖାଲି ରହୁ'' । ଅଲ୍ଲାଃତାଲା ଯେତେବେଳେ ଦେଖିଲେ ଯେ ଏହି ମଇଦାନ୍ ଖାଲି ହୋଇ ଚାଲିଛି, ଲୋକଙ୍କ ହୃଦୟରୁ ପୁଣ୍ୟ ଓ ଧର୍ମଭୀରୁତା ଶେଷ ହୋଇଯାଉଛି ସେତେବେଳେ ଅଲ୍ଲାଃତାଲା ଦୟା ପରବଶ ହୋଇ ଏହା ପସନ୍ଦ କଲେ ନାହିଁ ଯେ, ଏହି ପଡ଼ିଆ ଖାଲି ରହିଯାଉ । କହିଲେ ''ଏବଂ ଲୋକମାନେ ଏପରି ଭାବରେ ଦୂରରେ ଯାଉଛନ୍ତି ତେଣୁ ବର୍ତମାନ ତାଙ୍କ ବଦଳରେ ଅଲ୍ଲାଃତାଲା ଗୋଟିଏ ନୂଆ ଜିବନ୍ତ ଜାତି ସୃଷ୍ଟି କରିବାକୁ ଚାହୁଛନ୍ତି ଏବଂ ସେଥିପାଇଁ ଆମର ପ୍ରଚାର ଏହା ଅଟେ ଯେ ଲୋକମାନଙ୍କୁ ତକ୍‌ୱାର ଜୀବନ ହାସଲ ହୋଇଯାଉ'' । (ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୩୯୫-୩୯୬, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ) ଯେପରିକି ମୁଁ  ପୂର୍ବରୁ କହିଲ ଯଦିଓ ଆମେ ଅନୁଧ୍ୟାନ କରିବା ତେବେ ଏହା କେବଳ ସେହି ଯୁଗର ଲୋକମାନଙ୍କ ଛବି ନୁହେଁ ଯେତେବେଳେ ଆପଣ ଆ:ସ ନିଜ ଯୁଗର ଲୋକମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ ବରଂ ଆଜି ମଧ୍ୟ ଆମ୍ଭମାନଙ୍କୁ ଏହି କଥାଗୁଡିକ ଦେଖିବାକୁ ମିଳୁଛି । ଆମମାନଙ୍କ ମଧ୍ୟରେ କେତେଜଣ ଏପରି ଅଛନ୍ତି, ଯେଉଁମାନେ ଅଲ୍ଲାଃତାଲାଙ୍କ ଆଦେଶ ଗୁଡିକୁ ନିଜ ଉପରେ ଲାଗୁ କରୁଛନ୍ତି ? ଅନ୍ୟମାନଙ୍କୁ ଛାଡିଦିଅ । ଆମ୍ଭେମାନେ ଯିଏ କି ଆପଣଙ୍କ ଦୀକ୍ଷାରେ ସାମିଲ୍ ହେବାର ଦାବି କରୁଅଛେ ଆମମାନଙ୍କ ମଧ୍ୟରେ କେତେଜଣ ଅଛନ୍ତି ? ଏହା ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା କହୁଛନ୍ତି ଯେ, ମୁଁ ଜିନ୍ନ ଆଉ ମନୁଷ୍ୟମାନଙ୍କୁ ମୋର ଉପାସନା ପାଇଁ ଜନ୍ମ କରିଛି କଣ ଆମେ ଆମର ସାଂସାରିକ କାର୍ଯ୍ୟଗୁଡ଼ିକୁ  ଉପାସନା ନିମନ୍ତେ ତ୍ୟାଗ କରୁଛେ ବା ତାର ଓଲଟା ଯେ ଆମର ଉପାସନା ଆମର ସାଂସାରିକ କାର୍ଯ୍ୟ ପାଇଁ ତ୍ୟାଗ କରିଦେଉଛେ ? ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଯଦିଓ ସମୟରେ ନମାଜ ପାଠ କରୁଛନ୍ତି କେବଳ  ଦାୟିତ୍ୱକୁ ନିଜ ଉପରୁ ହାଲୁକା କରିଦେବା ପାଇଁ ଚେଷ୍ଟା କରୁଛେ । ସେହି ଲୋକମାନଙ୍କର ଅବସ୍ଥା ତ ଅଲଗା ଅଟେ ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନୁ ନାହାଁନ୍ତି । ଆମମାନଙ୍କ ମଧ୍ୟରେ ବି ଏମିତି  ଲୋକ ଅଛନ୍ତି ।

ଅଲ୍ଲାଃତାଲା କହୁଛନ୍ତି ଯେ, ପ୍ରତ୍ୟେକ ମାମଲାରେ ଲୋକମାନଙ୍କ ସହିତ ଭଦ୍ର ବ୍ୟବହାର କର । କିନ୍ତୁ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଭଦ୍ରତାକୁ ଗୋଟିଏ ପଟେ ରଖି ଅନ୍ୟପଟେ ଲୋକଙ୍କ ହକ୍ ମାରିବା ପାଇଁ ଚେଷ୍ଟା କରୁଛନ୍ତି । ପୁଣି ଏପରି ମଧ୍ୟ ଅଛନ୍ତି, ଯେଉଁମାନେ ସଂସାରର କ୍ଷତିକୁ ସହିପାରନ୍ତି ନାହିଁ । କିନ୍ତୁ ଧର୍ମର କ୍ଷତି ହେଉଥିଲେ ମଧ୍ୟ ତାହା ସହିଯାଆନ୍ତି । ଆମ ମଧ୍ୟରେ କେତେକ ଏପରି ଅଛନ୍ତି ଯେଉଁମାନେ ରାଗ (କ୍ରୋଧ) ଉପରେ ନିୟନ୍ତ୍ରଣ ରଖିପାରନ୍ତି ନାହିଁ, ଟିକେ ଟିକେ କଥାରେ ଉତେଜିତ ହୋଇଯାଆନ୍ତି । ଯଦି ଅନ୍ୟକେହି ଏପରି କରେ ଆମେ କହିପାରିବା ଯେ, ଏ ଲୋକମାନେ ମୁର୍ଖ ଅଟନ୍ତି ବୋଲି । କିନ୍ତୁ ଯଦି ଆମମାନଙ୍କ ମଧ୍ୟରୁ କେହି ଏପରି କରେ ତେବେ ଏହା ଦୁଃଖର ବିଷୟ ଅଟେ । ପ୍ରତ୍ୟେକ ଏହି ବିଷୟରେ ନିଜେ ନିଜର ନିରୀକ୍ଷଣ କରିପାରିବେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏହି ବାକ୍ୟକୁ ଆମେ ସର୍ବଦା ଆଖି ଆଗରେ ରଖିବାକୁ ହେବ ଯେ, ଅଲ୍ଲାତାଲା ଗୋଟିଏ ନୁଆ ଜିବନ୍ତ ଗୋଷ୍ଠୀ ସୃଷ୍ଟି କରିବାକୁ ଚାହୁଁଛନ୍ତି । ତେଣୁ ଆମ୍ଭେମାନେ ସେହି ଜୀବନ୍ତ ମାନଙ୍କ ମଧ୍ୟରେ ସାମିଲ୍ ହେବା ପାଇଁ ବୟତ୍ କରିଅଛେ । ତେଣୁକରି ତା'ର କର୍ତବ୍ୟ ପାଳନ

କରିବା ପାଇଁ ଆପଣଙ୍କ କଥାଗୁଡିକ ଉପରେ ଧାନ ଦେବାକୁ ହେବ । ତେବେ ଯାଇ ଆମେ ଜୀବନ୍ତ ଗୋଷ୍ଠୀ ମଧ୍ୟରେ ସାମିଲ୍ ହୋଇପାରିବା ।

ପୁଣି ସେହି କଥାରେ ଧାନ ଦେଇଛନ୍ତି ଯେ, ପଥ ପ୍ରଦର୍ଶନ ଅହରହ ଚେଷ୍ଟା ଓ ତକ୍‌ୱା ଉପରେ ଆଧାରିତ ଅଟେ । ଯେପର୍ଯ୍ୟନ୍ତ ତକ୍‌ୱା ସୃଷ୍ଟି ନ ହୋଇଛି, ଯେପର୍ଯ୍ୟନ୍ତ ମନୁଷ୍ୟ ଚେଷ୍ଟା ନ କରିଛି, ଯେତେବେଳଯାଏ ନିଜକୁ ନିଜେ ଧର୍ମପାଇଁ ଅସୁବିଧାର ସମ୍ମୁଖିନ ହୋଇ ତ୍ୟାଗ ପାଇଁ ପ୍ରସ୍ତୁତ ନ ହୋଇଛି, ସେପର୍ଯ୍ୟନ୍ତ ବାସ୍ତବିକ ହେଦାୟତ୍‌କୁ ହାସଲ କରିପାରିବ ନାହିଁ । ଏହି ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

‘‘ଯେଉଁ ବ୍ୟକ୍ତି କେବଳ ଅଲ୍ଲାଃତାଲାଙ୍କୁ ଭୟକରି, ତାଙ୍କ ମାର୍ଗରେ ଅନ୍ୱେଷଣ ପାଇଁ ଚେଷ୍ଟା କରେ ଏବଂ ସେ ବିଷୟ ହାସଲ କରିବା ପାଇଁ ପ୍ରାର୍ଥନା (ଦୁଆ) କରେ ତେବେ ଅଲ୍ଲାଃତାଲା ନିଜର ବିଧାନ (ୱଲ୍ ଲଜିନା ଜାହାଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା (ଅନକବୁତ୍:୭୦) ଅର୍ଥାତ୍ ଯେଉଁ ଲୋକମାନେ ଆମ୍ଭର ହୋଇ ଚେଷ୍ଟା କରିଥାନ୍ତି, ଆମ୍ଭେ ତାଙ୍କୁ ନିଜର ରାସ୍ତା ଦେଖାଇଥାଉ । ଅର୍ଥାତ୍ ନିଜେ ହାତଧରି ଦେଖାଇଦେଇଥାଏ । ଅଲ୍ଲାଃତାଲାଙ୍କ ରାସ୍ତା ଅନ୍ୱେଷଣ କରିବା ପାଇଁ ସେମାନଙ୍କର ଚେଷ୍ଟା ହୋଇଥାଏ । ପୁଣି ଦୁଆ ମଧ୍ୟ କରିଥାନ୍ତି ଯେ, ସେମାନଙ୍କର କୁ କର୍ମଗୁଡିକ ଦୂର ହୋଇଯାଉ । ତାଙ୍କୁ ଅଲ୍ଲାଃତାଲା ମିଳିଥାନ୍ତି, ସେଥିପାଇଁ ଯେପରିକି ପବିତ୍ର କୋରାନ୍ ଶରିଫ୍‌ରେ ଅଲ୍ଲାତାଲା କହିଛନ୍ତି । ଏହି ଆୟାତ୍ ଯାହାକୁ ମୁଁ ଆବୃତି କଲି କି, ଯଦିଓ ଅଲ୍ଲାଃତାଲାଙ୍କ ମାର୍ଗରେ ଚେଷ୍ଟା କର ତେବେ ଅଲ୍ଲାଃତାଲା ପୁଣି ନିଜ ରାସ୍ତା ଦେଖାଇଥାନ୍ତି । ଆପଣ କହୁଛନ୍ତି ‘‘ଏହି ଆୟତ୍ ଭଳି ନିଜେ ହାତଧରି ରାସ୍ତା ଦେଖାଇଥାନ୍ତି ଏବଂ ତାକୁ ଆତ୍ମଶାନ୍ତି ପ୍ରଦାନ କରିଥାନ୍ତି । ଯଦିଓ ହୃଦୟ ନିଜେ ଅନ୍ଧକାର ଓ ମୁହଁ ଦୁଆ ଦ୍ୱାରା ଭାରାକ୍ରାନ୍ତ ହୋଇଯାଏ ଓ ଭରସା, ଶିର୍କ୍, କୁ ପ୍ରଥା, କୁ ସଂସ୍କାରରେ ଜଡ଼ିତ ହୋଇଯାଏ ତେବେ ତାହା କି ପ୍ରକାର ଦୁଆ ଅଟେ’’ ? ଯଦିଓ ହୃଦୟ ନିଜେ ଅନ୍ଧକାର ଭିତରେ ବୁଡ଼ିରହେ ମୁହଁରେ ତ ଦେଖାଣିଆ ଦୁଆ ହୋଇପାରେ କିନ୍ତୁ କଷ୍ଟରେ ଦୁଆର ଶବ୍ଦ ବାହାରେ । ଯେପରି ଭରସାର ପ୍ରଶ୍ନ ଉଠୁଛି, ଉପରେ ଏପରି ଲାଗୁଥାଏ ଯେ ଆମ୍ଭେମାନେ ମୁସଲ୍‌ମାନ ଅଟୁ । ଅଲ୍‌ହମ୍‌ଦୋଲିଲ୍ଲାଃ ଆମର ଇମାନ୍ ଅଛି । ଅଲ୍‌ହମ୍‌ଦୋଲିଲ୍ଲାଃ ଯେ ଆମେ ଅଲ୍ଲାଃତାଲାଙ୍କ ସହିତ କାହାକୁ ସମକକ୍ଷ ମଣୁନାହୁଁ । ବିଶ୍ୱାସ ଦୃଷ୍ଟିରୁ ଏସବୁ ଠିକ୍ ଅଛି କିନ୍ତୁ ଏହା ଉପରେ ଅମଳ କିପରି ଅଛି ? ଶିର୍କରେ ପଡ଼ିଛୁ, କୁପ୍ରଥାରେ ମଧ୍ୟ ପୀଡ଼ିତ ଅଛୁ । ଧର୍ମ ସମ୍ୱନ୍ଧରେ ନୂଆନୂଆ କଥା ସବୁ ଆବିସ୍କାର କରିଅଛୁ । ଯଦି ଅବସ୍ଥା ଏପରି ହୁଏ ତେବେ ଦୁଆ ହୋଇପାରିବ ନାହିଁ । ପୁଣି କହିଲେ ଯେ ‘‘ସେପରି ମାଗିବା କ’ଣ ଅଟେ ଯେଉଁଥିରେ ଉତମ ଫଳ ପ୍ରାପ୍ତି ହୁଏ ନାହିଁ’’ । ଯେତେବେଳେ ଏପରି ଭିକ୍ଷା କରାଯାଏ ତେବେ ତାର ଉତମଫଳ ମିଳିନଥାଏ । ତେଣୁ କରି ଯଦି ଏପରି ଅବସ୍ଥା ହେବ ତେବେ ସେ ଭିକ୍ଷା ମାଗିବାର କୌଣସି ଆବଶ୍ୟକ ନଥାଏ । ତାହା ହୃଦୟରୁ ବାହାରୁଥିବା ଦୁଆ ହୋଇପାରିବ ନାହିଁ । ତାହା ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବା ପାଇଁ ଓ ତାଙ୍କ ଆଦେଶକୁ ପାଳନ କରିବାର ଚେଷ୍ଟା ହୋଇପାରିବ ନାହିଁ କାହିଁକି ନା ତାର ଉତମ ଫଳ ମିଳୁନାହିଁ । ସୁତରାଂ ଏହା ଏକ ଅତି ସ୍ୱଷ୍ଟ କଥା ଅଟେ ଯେ, ଯଦିଓ ଉତମ ଫଳ ମିଳୁନାହିଁ ତେବେ ଆମକୁ ବୁଝିବାକୁ ହେବ କି ଆମ ଭିତରେ କୌଣସି ଦୁର୍ବଳତା ରହିଛି । ଆମ ଦୁଆର ଅଭାବ ଅଛି । ଆମକୁ ଦୁଆ କରିବାର ଶୈଳି ଓ ଢ଼ଙ୍ଗ ଜଣାନାହିଁ । ଆମେ ଅଲ୍ଲାତାଲାଙ୍କ ଆଦେଶ ଅନୁସାରେ ଚଳୁନାହୁଁ । କହିଲେ ଯେ ‘‘ ଯେତେବେଳଯାଏ ମୁନୁଷ୍ୟ ପବିତ୍ର ହୃଦୟ ଓ ସତ୍ୟବାଦି ଓ ସ୍ୱଛତା ସହିତ ସମସ୍ତ କୁସମ୍ପର୍କ ଏବଂ ଭରସାର ଦ୍ୱାର ଦେଶକୁ ନିଜ ଉପରେ ବନ୍ଦକରି ଅଲ୍ଲାଃତାଲାଙ୍କ ଆଗରେ ହାତ ପତାଇ ନାହିଁ ସେତେବେଳ ଯାଏ ସେ ଯୋଗ୍ୟ ବୋଲି ଗଣତି ହୁଏ ନାହିଁ ଯେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହାନୁଭୁତି ତାକୁ ହାସଲ ହେଉ । କିନ୍ତୁ ଯେତେବେଳେ ସେ ଅଲ୍ଲାଃତାଲାଙ୍କ ଦ୍ୱାରସ୍ଥ ହୁଏ ଓ ଦୁଆ କରେ ତେବେ ତାହାର ଏହି ଅବସ୍ଥା ସାହାଯ୍ୟ ଓ ସହାନୁଭୁତି ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଯଦି ଏପରି ସ୍ଥିତି ହୋଇଯାଏ ଯେ, ମନୁଷ୍ୟ ନିଃସ୍ୱାର୍ଥପର ହୋଇ ଅଲ୍ଲାଃତାଲାଙ୍କ ଦ୍ୱାରସ୍ଥ ହୁଏ, ତାଙ୍କ ପାଦତଳେ ପଡେ଼, ତାଙ୍କୁ ଦୁଆ ମାଗେ ତେବେ ଯାଇ ଏପରି ସ୍ଥିତି ହୋଇଥାଏ, ଯାହାକି ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହାନୁଭୁତି, କରୁଣାକୁ ହାସଲ କରିଥାଏ ଓ ଦୟାର ପାତ୍ର ହୋଇଥାଏ । କହିଲେ ‘‘ଅଲ୍ଲାଃତାଲା ଆକାଶ ମାର୍ଗରୁ ମନୁଷ୍ୟର ହୃଦୟ ଭିତର ଯାଏ ଝାଙ୍କିକରି ଦେଖିପାରନ୍ତି’’ ଏ କଥା ଭାବନାହିଁ ଯେ, ଅଲ୍ଲାଃତାଲା ବେପରୱା ବୋଲି । ଅଲ୍ଲାଃତାଲା ଆକାଶରେ ବସି ମନୁଷ୍ୟ ହୃଦୟର କୋଣ କୋଣ ସହିତ ଜଡ଼ିତ’’ । ଯଦିଓ କୌଣସି କୋଣରେ ମଧ୍ୟ କୌଣସି ପ୍ରକାରର ଅନ୍ଧକାର କିମ୍ବା କୁସଂସ୍କାର, କୁପ୍ରଥାର କୌଣସି ଅଂଶ ଥାଏ ତେବେ ତାହାର ଦୁଆ ଓ ତାର ଉପାସନାକୁ ତା ମୁହଁକୁ ଓଲଟା ମାରିଥାନ୍ତି’’ । ହୃଦୟକୁ ପ୍ରତ୍ୟେକ ଦୃଷ୍ଟିରୁ ପବିତ୍ର କରିବା ଉଚିତ୍ । କେବେହେଲେ ହୃଦୟ ଭିତରେ ଅନ୍ଧକାର ନ ଆସୁ, କେବେହେଲେ କୌଣସି ପ୍ରକାରର କୁସଂସ୍କାର ନ ଆସୁ, କେଉଁଠି ମଧ୍ୟ କୌଣସି ପ୍ରକାର କୁ ପ୍ରଥାର ଚିନ୍ତା ହୃଦୟରେ ସୃଷ୍ଟି ନ ହେଉ । ଯଦି ଏପରି ହୁଏ ତେବେ ଉପାସନା, ଉପାସନା ବୋଲି କୁହାଯିବ ନାହିଁ, ଅଲ୍ଲାଃତାଲା ତାହା ଗ୍ରହଣ କରନ୍ତି ନାହିଁ । କହିଲେ ‘‘ତା ମୁହଁକୁ ଓଲଟା ମାରିଥାନ୍ତି ଯଦିଓ ଦେଖନ୍ତି ଯେ, ତାର ହୃଦୟ ପ୍ରତ୍ୟେକ ପ୍ରକାର ସ୍ୱାର୍ଥ ଓ ଅନ୍ଧକାରରୁ ପବିତ୍ର ଓ ସ୍ୱଚ୍ଛ ତେବେ ତା ପାଇଁ କରୁଣାର ଦ୍ୱାର ଖୋଲିଥାନ୍ତି ଏବଂ ତାକୁ ନିଜ ଛାୟାତଳେ ନେଇ ତାର ଲାଳନ ପାଳନର ଦାୟିତ୍ୱ ନିଜେ ନେଇଥାନ୍ତି’’ । ଯେତେବେଳେ ହୃଦୟ ପବିତ୍ର ହୋଇଯାଏ, ଅଲ୍ଲାଃତାଲାଙ୍କ ଇଚ୍ଛାପାଇଁ ମନୁଷ୍ୟ ସବୁ କିଛି କରିଥାଏ, ତେବେ ପୁଣି ଅଲ୍ଲାଃତାଲା ତା’ର ପ୍ରତ୍ୟେକ ଲାଳନପାଳନ ଓ ଆବଶ୍ୟକତାର ଦାୟିତ୍ୱ ନେଇଥାନ୍ତି ।

**(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୩୯୬-୩୯୭, ପ୍ରକାଶିତ-୧୯୮୫, ପ୍ରକାଶନ-ଇଂଲିସ୍ ସ୍ଥାନ)**

ଜଣେ ପ୍ରକୃତ ଅହମଦୀ ପାଇଁ ନିଜ ହୃଦୟକୁ ପ୍ରତ୍ୟେକ ପ୍ରକାର କୁପ୍ରଥା, କୁସଂସ୍କାରରୁ ପବିତ୍ର କରିବାକୁ ହେବ । ସେହି ଲୋକମାନେ ଯେଉଁମାନେ କହିଥାନ୍ତି ଯେ, ଆମେ ବହୁତ ଦୁଆ କଲୁ, ବହୁତ ଲମ୍ୱା ଲମ୍ୱା ଦୁଆ କଲୁ, ବଡ଼ ବଡ଼ ଦୁଆ କଲୁ କିନ୍ତୁ ଗ୍ରହଣୀୟ ହେଲା ନାହିଁ । ନିଜ ହୃଦୟକୁ ଅନୁଧ୍ୟାନ କର, ନିରୀକ୍ଷଣ କର, ଯେ କେଉଁଠି କୌଣସି କୁସଂସ୍କାର ତ ଲୁଚି ରହିନାହିଁ । କୌଣସି ପ୍ରକାରେ କୁ ପ୍ରଥା ତ ରହିଯାଇନାହିଁ କିମ୍ୱା ଏପରି କଥା ତ ହୋଇ ନାହିଁ ଯାହାକୁ ଅଲ୍ଲାଃତାଲା ବାରଣ କରିଛନ୍ତି ।

ପୁଣି ଗୋଟିଏ ସ୍ଥାନରେ ଏହାର ବିଶ୍ଳେଷଣ କରି କହିଲେ ଯେ ତକ୍‌ୱାକୁ ପ୍ରତିଷ୍ଠା କରିବା ପାଇଁ ହିଁ ଏହି ଜମାତକୁ ସ୍ଥାପନ କରିବାର ଉଦ୍ଦେଶ୍ୟ । ସୟଦ୍‌ନା ପବିତ୍ର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ‘‘ଏହି ସଂଗଠନ ଠାରୁ ଅଲ୍ଲାଃତାଲା ଏହା ଚାହାଁନ୍ତି ଓ ସେ ମୋ ଉପରେ ଖୋଲିଛନ୍ତି ଯେ, ତକ୍‌ୱା କମ୍ ହୋଇ ଯାଇଅଛି’’ । ଏହି ସଂଗଠନ ଗଠନ କରିବାର ଉଦ୍ଦେଶ୍ୟ ହିଁ ତକ୍‌ୱା ସ୍ଥାପନ କରିବା ଅଟେ । ଏ କଥା ପ୍ରତ୍ୟେକଙ୍କ ମନରେ ରହିବା ଦରକାର । କହିଲେ ‘‘କେତେକ ଖୋଲାଖୋଲି ଭାବରେ ଅସଦ୍ ଆଚରଣରେ ପୀଡ଼ିତ ଅଛନ୍ତି ଓ ଅଯଥା, ଅନାବଶ୍ୟକ ଜୀବନ ଅତିବାହିତ କରୁଛନ୍ତି ଓ କେତେକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଏକ ପ୍ରକାର ଅପବିତ୍ର ଭାବନା ନିଜ କର୍ତବ୍ୟରେ ରଖୁଛନ୍ତି । କିନ୍ତୁ ସେମାନଙ୍କୁ ଜଣା ନାହିଁ ଯେ, ଯଦି ଭଲ ଖାଦ୍ୟରେ ଅଳ୍ପ ମାତ୍ରାରେ ବିଷ ପଡ଼ିଯାଏ ତେବେ ତାହା ସବୁ ବିଷ ହୋଇଯିବ’’ । ଆମ ଭିତରେ ଅନେକ ଏପରି ଅଛନ୍ତି, ପୁଣ୍ୟ କରନ୍ତି କିନ୍ତୁ କିଛି ଏପରି କୁ କାର୍ଯ୍ୟରେ ଲିପ୍ତ ଥାନ୍ତି ଯାହା ଆମର ପୁଣ୍ୟକୁ ଖାଇଯାଏ । କହିଲେ ‘‘ଭଲ ଖାଦ୍ୟ ହେଉ, ଭଲ ଜିନିଷ ହେଉ, ଯଦି ସାଧାରଣ ବିଷ ତାକୁ ବିଷ କରିଦିଏ ପୁଣି କହିଲେ ଯେ ‘‘କେତେକ ଏପରି ଅଛନ୍ତି ଯେଉଁମାନେ ଛୋଟ ଛୋଟ ପାପ, ଦେଖାଣିଆ ଇତ୍ୟାଦି ଯାହାର ଶାଖା, ପ୍ରଶାଖା ଅତି ସୁକ୍ଷ୍ମ ହୋଇଥାଏ । ସେମାନେ ସେଥିରେ ଲିପ୍ତ ହୋଇଥାନ୍ତି । ବର୍ତମାନ ଅଲ୍ଲାତାଲା, ଇଚ୍ଛା କରିଛନ୍ତି ଯେ, ସେ ସଂସାରକୁ ଭୟ, ପବିତ୍ରର ଜୀବନର ଛବି ଦେଖାଇବେ । ସେଥିପାଇଁ ସେ ଏହି ସଂଗଠନର ସ୍ଥାପନା କରିଛନ୍ତି । ସେ ପବିତ୍ରତା ଚାହୁଁଛନ୍ତି ଏବଂ ଗୋଟିଏ ପବିତ୍ର ଜମାତ୍ ତିଆରି କରିବା ତାଙ୍କ ଇଚ୍ଛା ଅଟେ’’ । କହିଲେ ‘‘ତକ୍‌ୱା ଓ ପବିତ୍ରତାର ଛବିକୁ ଦେଖାଇବାକୁ ହେବ’’ ।

**(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୯୬-୯୭, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ)**

ବର୍ତମାନ ଆମେ ଆମକୁ ନିରୀକ୍ଷଣ କରିବା ଆବଶ୍ୟକ ଯେ, କଣ ଆମେ ଆମର ସ୍ଥିତି ଏପରି ଅଟେ ଯେ, ଆମେ ନିଜ ଭୟ ଓ ପବିତ୍ରର ଛବି ହୋଇପାରିବା ଏବଂ ଅନ୍ୟମାନେ ଆମଠାରୁ ଶିଖିପାରିବେ ଏ ନିରୀକ୍ଷଣ ଆମେ ଆମ ନିଜ ସ୍ଥିତିରୁ ଜାଣିପାରିବା ।

ପୁଣି ସେହି କଥାକୁ ବର୍ଣ୍ଣନା କରି, ଆପଣ ଆପଣଙ୍କ ଜମାତ୍‌କୁ କିପରି ଦେଖିବାକୁ ଚାହୁଁଛନ୍ତି ? ଆପଣ କହିଲେ ଯେ ‘‘ଏହି ସଂଗଠନକୁ ଅଲ୍ଲାଃତାଲା ନିଜେ ତାଙ୍କ କରକମଳରେ ସ୍ଥାପନ କରିଛନ୍ତି ଏବଂ ସେଥିରେ ମଧ୍ୟ ଅମେ ଦେଖୁଛୁ ଯେ, ବହୁତ ଲୋକ ଆସୁଛନ୍ତି ଓ ସେମାନେ କୌଣସି ଉଦ୍ଦେଶ୍ୟ ରଖି ଆସିଥାନ୍ତି’’ । ଅଲ୍ଲାଃତାଲା ତାଙ୍କ ନିଜ ହାତରେ ଏଥିପାଇଁ ସ୍ଥାପନ କରିଛନ୍ତି ଭୟ କରି ଚାଲୁଥିବା ଗୋଟିଏ ଜମାତ୍ ଗଠନ ହେଉ । ନିଜ ଇନ୍ଦ୍ରିୟର ସୁଧାର କରିବାବାଲାଙ୍କ ଜମାତ୍ ଗଠନ ହେଉ । କିନ୍ତୁ କହିଲେ ଯେ, ତା ସତ୍ୱେ ମଧ୍ୟ ଏପରି ଲୋକମାନେ ମଧ୍ୟ ଆମ ପାଖକୁ ଆସିଥାନ୍ତି । ଯାହାଙ୍କର ନିଜର ଉଦ୍ଦେଶ୍ୟ ରହିଥାଏ । ପୁଣ୍ୟ ଓ ଭୟର ପ୍ରାପ୍ତି ସେମାନଙ୍କର ଉଦ୍ଦେଶ୍ୟ ହୋଇନଥାଏ । ବରଂ ତାଙ୍କର କିଛି ନିଜର ଲାଭ ଓ ଉଦ୍ଦେଶ୍ୟ ଥାଏ । ଯେଉଁଥିପାଇଁ ସେମାନେ ଆସିଥାନ୍ତି । କହିଲେ ‘‘ଯଦି ଉଦ୍ଦେଶ୍ୟ ପୁରଣ ହୋଇଯାଏ ତେବେ ଭଲ, ନଚେତ୍ ଧର୍ମ କେଉଁଆଡ଼େ ବିଶ୍ୱାସ କେଉଁଆଡ଼େ ହୋଇଥାଏ । ପୁଣି ଛାଡ଼ି କରି ଚାଲିଯାଆନ୍ତି, ପୁଣି ବିଶ୍ୱାସ ବୋଲି କିଛି ରହିଲା ନାହିଁ । କହିଲେ ଯଦି ଚ ତା ବଦଳରେ ସାହାବା (ଅନୁଗାମୀ) ମାନଙ୍କ ଜୀବନକୁ ଦେଖାଯାଉ ସେମାନଙ୍କ ମଧ୍ୟରେ ଏପରି କିଛି ଘଟଣା ଦେଖାଯାଇନାହିଁ । ସେମାନେ କେବେ ବି ଏପରି କରିନାହାଁନ୍ତି, ଆମର ଦୀକ୍ଷା ତ ମୌବା (ପଶ୍ଚାତାପ) ସହିତ ଜଡ଼ିତ ଅଟେ । ‘‘ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାର ଆମେ ଯେଉଁ ଦୀକ୍ଷା ଗ୍ରହଣ କରିଛେ ତାହା ତ ପଶ୍ଚାତାପ (ମୌବା) ର ଦୀକ୍ଷା ଅଟେ ଯେ ନିଜ ପାପ ପାଇଁ (ମୌବା) ପଶ୍ଚାତାପ କରୁଅଛେ ଏବଂ ଆଗାମୀ ପାଇଁ ପୁଣ୍ୟରେ ଅଟଳ ରହିବା ପାଇଁ ଅଲ୍ଲାଃତାଲାଙ୍କ ପାଖରେ ଦୁଆ କରିଥାଉ । କହିଲେ ଯେ, ‘‘କିନ୍ତୁ ସେହି ଲୋକ ମାନଙ୍କର ଦୀକ୍ଷା (ଅନୁଗାମୀମାନଙ୍କ ଦୀକ୍ଷା) ତ ମୁଣ୍ଡ କଟାଇବାର ଦୀକ୍ଷା ଥିଲା । ସେହି

ଯୁଗରେ ତ ତରବାରୀ (ତଲ୍‌ୱାର୍)ର ଯୁଦ୍ଧ ଥିଲା ଏବଂ ସେଥିପାଇଁ ସେତେବେଳେ ପ୍ରତ୍ୟେକ ପ୍ରତ୍ୟେକ ପ୍ରସ୍ତୁତ ରହୁଥିଲେ । ଗୋଟିଏ ପଟରୁ ଦୀକ୍ଷା ଗ୍ରହଣ କରୁଥିଲେ ଓ ଆଉ ଅନ୍ୟପଟେ ତାଙ୍କର ସମସ୍ତ ଧନ, ସମ୍ପତି, ସମ୍ମାନ ଓ ଜୀବନକୁ ହାତଛଡ଼ା କରୁଥିଲେ । ସବୁ କିଛି ତ୍ୟାଗ କରିଦେଉଥିଲେ । କୌଣସି ଜିନିଷରେ ବି ମାଲିକ ନଥିଲେ ସେହିପରି ସେମାନଙ୍କର ସମସ୍ତ ଭରସା ସଂସାରରୁ ବିଚ୍ଛିନ୍ନ ହୋଇଯାଉଥିଲା । ପ୍ରତ୍ୟେକ ପ୍ରକାର ସମ୍ମାନ, ବଡ଼ିମା, ସ୍ମାନ ସେବା ମନଭାବ ପାଇବା ଯୋଗୁଁ ନଷ୍ଟ ହୋଇଯାଏ'' । ସେମାନଙ୍କର ନିଜସ୍ୱ କିଛି ନଥିଲା । ନା'ତ ସେମାନଙ୍କର ନିଜର ସମ୍ମାନ ପାଇଁ ଚିନ୍ତା ଥିଲା ନା'ତ ଆତ୍ମ ବଡ଼ିମାର ଚିନ୍ତା ଥିଲା, ନା'ତ କୌଣସି ବଡ଼ ପାହ୍ୟାର ଇଚ୍ଛା ଥିଲା । କେବଳ ଉଦ୍ଦେଶ୍ୟ ଥିଲା ଯେ, ଆମେ ଇସ୍‌ଲାମ୍ ପାଇଁ ଜୀବନ, ସମ୍ପତି, ସମୟ ଓ ସମ୍ମାନକୁ ଜଳାଞ୍ଜଳି ଦେବାପାଇଁ ସର୍ବଦା ପ୍ରସ୍ତୁତ ଅଛୁ । ଏହି ପ୍ରତିଶୃତି ଆମ୍ଭେମାନେ ଆଜି ମଧ୍ୟ କରୁଅଛେ । କିନ୍ତୁ ଓହଦାଦାରମାନଙ୍କ ମଧ୍ୟରେ ବି ଏମିତି ଅଛନ୍ତି, ଯେଉଁମାନେ ଓହଦାର୍ ଇଛା ରଖୁଛନ୍ତି ଯେ, କିଛିନା କିଛି ପାହ୍ୟା ଓ ବଡ଼ିମାର ପରିପ୍ରକାଶ ହେଉ । ଯଦିଓ ଓହଦା ମିଳିଯାଏ ତେବେ ପୂର୍ବରୁ ଅଧିକ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଓ ପୂର୍ବରୁ ଆହୁରି ଅଧିକ ଧର୍ମର ସେବା କରିବାର ଉତ୍ସାହ ହେଉ ତାହା ହେଉନାହିଁ କେବଳ ନିଜର ଓହଦାର ଲାଞ୍ଜି ଥାଏ । ଓହଦାଦାର ମାନଙ୍କୁ ମଧ୍ୟ ଏଥି ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

କହିଲେ ''କାହାରିକୁ ଏ ଧାରଣା ଥିଲା ଯେ, ଆମେ ରାଜା ହେବୁ'' । ଅନୁଚର ମାନଙ୍କ ମଧ୍ୟରୁ କାହାରିକୁ ଏ ଧାରଣା ଥିଲା ଯେ ରାଜା ହେବୁ ବୋଲି କିମ୍ବା କୌଣସି ଦେଶକୁ ବିଜୟ ହାସଲକାରୀ ହୋଇଯିବୁ । ଆରବ୍‌ର ଯେଉଁ ପରିସ୍ଥିତି ଥିଲା କାହାରିକୁ ସେତେବେଳେ ଧ୍ୟାନ ଆସିନଥାନ୍ତା କି ? ''ଏହି କଥାଗୁଡିକ ତାଙ୍କ ଧାରଣାରେ ଧ୍ୟାନରେ ବି ନଥିଲା ବରଂ ସେମାନେତ ପ୍ରତ୍ୟେ ଦୁଃଖ ଓ କଷ୍ଟକୁ ମଜାର ସହିତ ସହ୍ୟ କରିଯାଇଥିଲେ'' । ସେମାନେ ସୁନାମ, ସମ୍ମାନ ଋହୁଁନଥିଲେ, ସେମାନେ ଓହଦା ଋହୁଁନଥିଲେ, ଆତ୍ମବଡ଼ିମା ଋହୁଁନଥିଲେ, ସମ୍ମାନ ଋହୁଁନଥିଲେ, ସେମାନେ କେବଳ ବଳୀଦାନ ଋହୁଁଥିଲେ । ସେଥିରେ ସେମାନଙ୍କ ପାଇଁ ମଜା ଥିଲା, ତା ଦ୍ୱାରା ସେମାନଙ୍କ ମଜା ଆସୁଥିଲା । କହିଲେ ଯେ ''ସେମାନେ ଜୀବନ ଦେବା ପାଇଁ ପ୍ରସ୍ତୁତ ହୋଇଯାଉଥିଲେ । ସେମାନଙ୍କର ନିଜର ତ ଏହି ସ୍ଥିତି ଥିଲା ଯେ, ସେମାନେ ସଂସାରରୁ ସମ୍ପୂର୍ଣ୍ଣ ଅଲଗା ଓ ବିଚ୍ଛିନ୍ନ ଥିଲେ । କିନ୍ତୁ ଏହା ଅଲଗା ବିଷୟ ଅଟେ ଯେ, ଅଲ୍ଲାଃତାଲା ସେମାନଙ୍କ ଉପରେ ନିଜର ଦୟା ପ୍ରକଟ କଲେ ଓ ସେମାନଙ୍କୁ ଦାନ କଲେ'' । ସେମାନେ ତ ପ୍ରତ୍ୟେକ ବଳୀଦାନ ପାଇଁ ପ୍ରସ୍ତୁତ ଥିଲେ କିନ୍ତୁ ଅଲ୍ଲାଃତାଲା ଦୟା କଲେ ଓ ନିଜ ଦାନରୁ ସେମାନଙ୍କୁ ଏତେ ପରିମାଣରେ ଦାନ କଲେ ''ଏବଂ ସେମାନଙ୍କୁ ଯେଉଁମାନେ ସେହି ମାର୍ଗରେ ନିଜର ସବୁକିଛି ଜଳାଞ୍ଜଳି ଦେଇଥିଲେ ''ହଜାର ଗୁଣ ଅଧିକ ଦାନ କଲେ, ଅନେକ ଗୁଣ ଅଧିକ ଦେଲେ ।

**(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୩୯୭-୩୯୮, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ)**

ବହୁତ ଦୂରରୁ ଆମ୍ଭମାନଙ୍କୁ ଆମର ଚରିତ୍ରକୁ ଉତମ ରୂପେ ଗଢ଼ିବା ପାଇଁ, ପୁଣ୍ୟ କାର୍ଯ୍ୟରେ ଲିପ୍ତ ହେବା ପାଇଁ, କୁ କର୍ମକୁ ତ୍ୟାଗ କରିବା ପାଇଁ ଧ୍ୟାନ ଆକର୍ଷଣ କରି କହିଲେ ଯେ:- ''ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀକୁ ନିଜର ଚରିତ୍ରରେ ପରିବର୍ତନ ଦେଖାଇଥାଏ'' ଯେ, ଆମେ ଅହମଦି ହେବା ପରେ ଆମ ଭିତରେ ପରିବର୍ତନ ଦେଖା ଦେଇଛି କିମ୍ବା ପ୍ରତ୍ୟେକ ଅହମଦି ନିଜ ପଡ଼ୋଶୀ ସହିତ ଏପରି ବ୍ୟବହାର କରିଥାଏ ଯେ, ସେ ଆଶ୍ଚର୍ଯ୍ୟ ହୋଇକରି କହିଥାଏ ଏ ମନୁଷ୍ୟ ସାଧାରଣ ମନୁଷ ନୁହେଁ । ଏପରି କରାମତି ପ୍ରଦର୍ଶନ କରିଥାଏ ଆଚମ୍ଭିତ ହୋଇଥାଏ । ଏପରି କାମ କରିଥାଏ ଯାହାକୁ ଦେଖିକରି ଲୋକମାନେ ବ୍ୟତିବ୍ୟସ୍ତ ହୋଇଥାନ୍ତି । କହିଲେ, ତାର ଉଛଧରଣର ପ୍ରଭାବ ପଡ଼ୋଶୀ ଉପରେ ପଡ଼ିଥାଏ । କହିଲେ ''ଆମ ଜମାତ୍ ଉପରେ ଆରୋପ ଲଗାଉଛନ୍ତି କି ଆମେ ଜାଣିନାହୁଁ ଯେ କଣ ଉନ୍ନତି ହୋଇଗଲାବୋଲି ଏବଂ ଆରୋପ ଲଗାଉଛନ୍ତି ଯେ କହନ୍ତି ଯେ, ଜମାତ୍ ଉପରେ ଆପତି କରୁଛନ୍ତି ଏବଂ ସେମାନେ ଆରୋପ ଲଗାଇଥାନ୍ତି, ଦୋଷ ଦେଉଛନ୍ତି ଯେ ଅହମଦି ହେବା ଦ୍ୱାରା ତାଙ୍କର କଣ ଉନ୍ନତି ହେଇଗଲା ? ମିଥ୍ୟା, ଆରୋପ, ସନ୍ଦେହ, ରାଗରେ ସେହି ଲୋକମାନେ ପୀଡ଼ିତ ଅଛନ୍ତି । କହିଲେ ''କଣ ଏହା ସେମାନଙ୍କ ପାଇଁ ନିନ୍ଦାର ବିଷୟ ନୁହେଁ ଯେ, ମନୁଷ୍ୟ ଭଲ ଚିନ୍ତାକରି ଏହି ସଂଗଠନକୁ ଆସିଥିଲା'' । ବର୍ତମାନ ସେହିଲୋକମାନଙ୍କୁ କହିଲେ ଯେଉଁମାନେ ଅହମଦି ହୋଇଗଲେ ସେମାନଙ୍କ ପାଇଁ ଲଜ୍ଜାର ବିଷୟ କି ଭଲ ଚିନ୍ତାକରି କେହି ଏ ସଂଗଠନକୁ ଆସିଥିଲା କିମ୍ବା ତାଙ୍କୁ ଦେଖିକରି ସଂଗଠନର ଶିକ୍ଷାକୁ ଭଲବୋଲି ଭାବି ସାମିଲ୍ ହୋଇଥିଲା । କହିଲେ ''ଯେପରି ଜଣେ ପୁଣ୍ୟବନ୍ତ ସନ୍ତାନ ନିଜ ପିତାଙ୍କୁ ପୁଣ୍ୟବନ୍ତ ହେବାର ପ୍ରକାଶ କରୁଛି କାହିଁକିନା, ଦୀକ୍ଷା ଗ୍ରହଣକାରୀ ପିତାଙ୍କ ଆଦେଶରୁ ହୋଇଥାଏ । ଜଣେ ନମ୍ର ସ୍ୱଭାବି, ଆଜ୍ଞାବହ, ପୁଣ୍ୟବାନ ପୁତ୍ର ନିଜ ପିତାଙ୍କ ପୁଣ୍ୟ ଯୋଗୁଁ ହୋଇଥାଏ, କାହିଁକି ନା ଦୀକ୍ଷା ଗ୍ରହଣକାରୀ ଯିଏ କି ତା ପୁତ୍ରର ଆଦେଶରୁ ଆସିଅଛି ଏବଂ ତାହାର ଉଦାହରଣ ଆପଣ କହିଲେ ''ସେଥିପାଇଁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ସ୍ତ୍ରୀ ମାନଙ୍କୁ ''ଉମ୍ମହାତୁଲ୍ ମୁମେନିନ୍'' (ପୁଣ୍ୟବନ୍ତ ମାନଙ୍କର ମାତା) କୁହାଯାଇଛି । ସୁତରାଂ ହଜୁର ସ:ଆ:ସ ଆମତୁଲ୍ ମୁମେନିନ୍ (ପୁଣ୍ୟବନ୍ତଙ୍କ) ପିତା ଅଟନ୍ତି । ଯଦିଓ ଆପଣ ସ:ଆ:ସଙ୍କ ସ୍ତ୍ରୀ ମାନେ ଉମ୍ମହାତୁଲ୍ ମୁମେନିନ୍ ଅଟନ୍ତି ତେବେ ତାର ଅର୍ଥ ଥିଲା ଯେ ଆପଣ ସ:ଆ:ସ ପୁଣ୍ୟବନ୍ତମାନଙ୍କ ପିତା ଅଟନ୍ତି । କହିଲେ ଯେ, '' ଦୈହିକ ପିତା ପୃଥିବୀ ପୃଷ୍ଠକୁ ଆଣିବାର ଅଧିକାରୀ ଅଟନ୍ତି । ସାଧାରଣ ଜୀବନରେ ପ୍ରତ୍ୟେକ ମନୁଷ୍ୟର ପିତା ଅଛନ୍ତି ଏବଂ ପିତା, ମାତା ଯେଉଁ ଅଛନ୍ତି ସେମାନେ କୌଣସି ଆତ୍ମାକୁ କିମ୍ବା ଶିଶୁର ଶରୀରକୁ ପ୍ରଥିବୀପୃଷ୍ଠକୁ ଆଣିବାର କାରଣ ହୋଇଥାନ୍ତି । ପିତା, ମାତାଙ୍କ ଯୋଗୁଁ ଜନ୍ମ ଜରିଆରେ ଛୁଆ ଏହି ସଂସାରକୁ ଆସିଥାଏ । ''ଏବଂ ଜୀବିତ ରହିବାର ବାସ୍ତବ କାରଣ'' ଏହି ଜୀବନ ଯାହାକି ତାକୁ ମିଳିଥାଏ । ଗୋଟିଏ ପିତା ଯୋଗୁଁ କିନ୍ତୁ (ତା ବଦଳରେ) ଆଧ୍ୟାତ୍ମିକ ପିତା ଆକାଶକୁ ନେଇ ଯାଇଥାନ୍ତି । ଆଧ୍ୟାତ୍ମିକତାରେ ଉନ୍ନତି କରିଥାଏ ଏବଂ ସେହି ପେଣ୍ଟସ୍ଥଳ ଆଡ଼କୁ ମାର୍ଗଦର୍ଶନ କରାଇଥାଏ । ''ଅର୍ଥାତ୍ ଖୋଦାତାଲାଙ୍କ ଆଡ଼କୁ ତତ୍ୱାବଧାନ କରାଇଥାଏ । କହିଲେ ଯେ, କ'ଣ ଆପଣ ପସନ୍ଦ କରିବେ କି, କୌଣସି ପୁତ୍ର ନିଜ ପିତାକୁ ବଦ୍‌ନାମ କରୁ ? କେବେହେଲେ ପସନ୍ଦ କରିବେ ନାହିଁ ଯେ, ପୁତ୍ର ନିଜ ପିତାର ବଦ୍‌ନାମ କରୁ, ନା କୌଣସି ପିତା ପସନ୍ଦ କରିବ ଯେ, ତା'ର ପୁତ୍ର ତାକୁ ବଦ୍‌ନାମ କଲାବାଲା ହେଉ ।

ସୁତରାଂ ସେଥିପାଇଁ ଯେପରି ପୂର୍ବରୁ ଚର୍ଚ୍ଚା ହୋଇଅଛି ଯେ, ନିଜର ଏପରି ଛବି ତିଆରି କର କି ଅନ୍ୟର ଠୋକର୍‌ର କାରଣ ହୁଅନାହିଁ । ନା' ତ ନିଜ ପିତାଙ୍କୁ ବଦ୍‌ନାମ କଲାବାଲା ହୁଅ । କହିଲେ ''କୌଣସି ପୁତ୍ର ନିଜ ପିତାକୁ ବଦ୍‌ନାମ୍ କରେ ? (କେହି ପସନ୍ଦ କରିବେ କି ?) ବେଶ୍ୟାଳୟକୁ ଯାଉ ? ଜୁଆ ଖେଳୁ ? ମଦ୍ୟ ପାନ କରୁ ଏବଂ ଏପରି ଦୁଷ୍କର୍ମ କରିଥାଏ'' । ଜୁଆ, ମଦ୍ୟପାନ ଏପରି କାର୍ଯ୍ୟକଳାପ କରୁଥିବ କୌଣସି ପିତା ପସନ୍ଦ କରିବ ନାହିଁ, କୌଣସି ମୋମିନ୍ ମୁସଲମାନ ପିତାକୁ ଏକଥା କଦାପି ପସନ୍ଦ ହେବ ନାହିଁ ଯେ, ତାର ପୁତ୍ର ଏପରି କାର୍ଯ୍ୟକରୁ ବରଂ କେତେକ କାର୍ଯ୍ୟ କେତେକ କଥା ଏପରି ରହିଛି ଯାହାକୁ ଅଣ ମୁସଲମାନ ମଧ୍ୟ ପସନ୍ଦ କରିବେ ନାହିଁ । କହିଲେ ମଦ୍ୟ, ଜୁଆ ଏପରି ଦୁଷ୍କର୍ମ କରିଥା, ଯାହା ପିତାର ବଦ୍‌ନାମ୍‌ର କାରଣ ହେବ'' ।

କହିଲେ ''ମୁଁ ଜାଣିଛି ଯେ, କୌଣସି ଲୋକ ଏପରି ହୋଇପାରିବ ନାହିଁ ଯିଏ ଏପରି କାର୍ଯ୍ୟକୁ ପସନ୍ଦ କରୁଥିବ । କିନ୍ତୁ ଯେତେବେଳେ ସେହି ଦୁଷ୍ଟ ପୁତ୍ର ଏପରି କରେ ପୁଣି ଲୋକଙ୍କ ମୁହଁ ବନ୍ଦ ହୁଏ ନାହିଁ'' ଯଦିଓ କୌଣସି ପୁତ୍ର ଏପରି କରେ ତେବେ ଲୋକମାନେ ତା ଆଡ଼କୁ ଆଙ୍ଗୁଠି ଟେକିବେ । ତା ବିଷୟରେ କଥା ବାହାର କରିବେ । ତା'ପୁତ୍ର ବିଷୟରେ ମଧ୍ୟ କଥା ଉଠାଇବେ । ଲୋକମାନେ ତା ପିତା ଆଡ଼କୁ ଇଙ୍ଗିତ କରି କହିବେ ଯେ, ଅମୁକ ଲୋକର ପୁଅ ଅମୁକ କୁକର୍ମ କରୁଛି । ସେହି ଦୁଷ୍ଟ ପୁତ୍ର ହିଁ ପିତାର ବଦ୍‌ନାମ୍‌ର କାରଣ ହୋଇଥାଏ । ସେହିପରି ଯେବେ କୌଣସି ଲୋକ ଗୋଟିଏ ସଂଗଠନରେ ସାମିଲ୍ ହୁଏ ସେହି ସଂଗଠନର ବଡ଼ିମା ଓ ସମ୍ମାନର ଖିଆଲ୍ ରଖେ ନାହିଁ ଏବଂ ତାର ବିରୋଧାଚରଣ ରେ ତେବେ ସେ ଅଲ୍ଲାଙ୍କ ନିକଟରେ ଗିରଫ ହୋଇଥାଏ'' ଅଲ୍ଲାତାଲାଙ୍କ ନିକଟରେ ପୁଣି ଧରା ହୁଏ । କାହିଁକି ନା ସେ କେବଳ ନିଜକୁ ଧ୍ୱଂସ ମୁଖରୁ ଠେଲି ଦେଇନଥାଏ ବରଂ ଅନ୍ୟମାନଙ୍କ ପାଇଁ ଗୋଟିଏ ନମୁନା ହୋଇ ସେମାନଙ୍କୁ ପୁଣ୍ୟ ଓ ସଂସ୍କାର ରାସ୍ତାରୁ ବଂଚିତ ରଖେ । ଯାହା ପୂର୍ବରୁ ମୁଁ କହିଥିଲି ତାର ବିଶ୍ଳେଷଣ କରାଗଲା । କହିଲେ ''ଲୋକମାନଙ୍କ ଶକ୍ତି ଯେ ପର୍ଯ୍ୟନ୍ତ ଅଛି ଖୋଦାତାଲାଙ୍କ ସାହାଯ୍ୟ ଭିକ୍ଷା ମାଗ ଏବଂ ନିଜର ସମସ୍ତ ଶକ୍ତି ଓ ବଳ ଦ୍ୱାରା ନିଜ ଦୁର୍ବଳତାକୁ ଦୂର କରିବା ପାଇଁ ଚେଷ୍ଟାକର । ନମ୍ର ହୁଅ, ସତ୍ୟବାଦୀ ଏବଂ ବିଶ୍ୱାସ ବଳରେ ହାତ ଉଠାଅ । କାହିଁକି ନା, ନମ୍ରତା ଦ୍ୱାରା ଉଠିଥିବା ହାତ ଯାହା ସତ୍ୟବାଦୀ ଓ ବିଶ୍ୱାସରୁ ଉଠୁଥିବା ହାତ ଖାଲି ଫେରସ୍ତ କରାଯିବ ନାହିଁ । ଚେଷ୍ଟା କର, ନିଜ ଚେଷ୍ଟାରେ ଯଦି ବିଫଳ ହୁଅ ତେବେ ଭାବନାହିଁ ଯେ, ବର୍ତମାନ ଆଉ କିଛି ହୋଇପାରିବ ନାହିଁ ବୋଲି । ଦୁଆ କର ଏବଂ ଏତେ ଦୁଆକର କି ଯାହାର ଅନ୍ତ ନ ହେଉ କିନ୍ତୁ ସତ୍ୟତାର ସହ ହେବା ଉଚିତ୍ । ଅଲ୍ଲାତାଲାଙ୍କ ନିକଟରେ ଦୁଆ କର ଓ ସତ୍ୟତାର ସହ ନିଜ ହୃଦୟକୁ ନିରୀକ୍ଷଣ କର ଦେଖ ! ଯାହା ମୁଁ କହୁଛି ତାହା ହିଁ ସତ୍ୟ ଅଟେ । ଏହା ହିଁ ମୁଁ ଋହୁଁଛି । ଏହା ହିଁ ମୁଁ ଅଲ୍ଲାଃତାଲାଙ୍କୁ ମାଗୁଛି, କାହିଁକିନା ଯଦି ଏପରି ହେବ, ହୃଦୟରୁ ସତ୍ୟର ଉଦ୍ରେକ ହେବ । ତେବେ ଫଳତଃ ହାତ ଦୁଆ ପାଇଁ ଉଠିବ । ତାହାଫଳରେ ଅଲ୍ଲାତାଲାଙ୍କ ନିକଟତର ମୁନୁଷ୍ୟ ନିଶ୍ଚୟ ନତମସ୍ତକ ହେବ ତେବେ ଏପରି ହାତ କଦାପି ଖାଲି ଫେରସ୍ତ କରାଯିବ ନାହିଁ, ଅଲ୍ଲାଃତାଲା ନିଶ୍ଚୟ ଫଳ ପ୍ରଦାନ କରିବେ କହିଲେ ''ଆମେ ଅଭିଜ୍ଞତାରୁ ହିଁ କହୁଛୁ ଯେ, ଆମର ହଜାର ସଂଖ୍ୟାରେ ଦୁଆ ଗ୍ରହଣ ହୋଇଛି ଏବଂ ହେଉଅଛି ମଧ୍ୟ ।

ପୁଣି କହିଲେ ''ଯେ ଏହା ଏକ ବିଶ୍ୱାସଯୋଗ୍ୟ କଥା ଅଟେ ଯଦି କୌଣସି ବ୍ୟକ୍ତି ନିଜ ଭିତରେ ନିଜ ଭାଇ ପାଇଁ ଦୟା କରିବାର ଉତ୍ସାହ ପାଉ ନାହିଁ ତେବେ ସେ କୃପଣ ଅଟେ । ନିଜ ବନ୍ଧୁମାନଙ୍କ ପାଇଁ, ଅନ୍ୟ ମନୁଷ୍ୟମାନଙ୍କ ପାଇଁ ଯଦି ଦୟା ଉତ୍ସାହ ନାହିଁ ତେବେ ତା ଅର୍ଥ ହେଲା ତୁମେ କୃପଣ ଅଟ ଓ କଞ୍ଜୁସ୍ ଅଟ । କହିଲେ ''ଯଦି ମୁଁ ଏପରି କୌଣସି ଗୋଟିଏ ରାସ୍ତା ଦେଖେ, ଯେଉଁଥିରେ ଉତମ.ଏବଂ ପୁଣ୍ୟ ନିହିତ ଅଛି ତେବେ

ମୋ ଉପରେ ଏହା ଧାର୍ଯ୍ୟ ଅଟେ କି ମୁଁ ସେ ଆଡ଼କୁ ଲୋକଙ୍କୁ ଉଚ୍ଚ ସ୍ୱରରେ ଡ଼ାକିନେବି । ଏହା ମଧ୍ୟ ଆମର କର୍ତବ୍ୟ ଅଟେ ଯେ ଭଲ ଓ ପୁଣ୍ୟର ରାସ୍ତା ଆମେ ଅହେମଦୀୟତ୍‌କୁ ଗ୍ରହଣ କରିଛୁ । ସେଥିଯୋଗୁଁ ଏହା ଆମ ଉପରେ ଧାର୍ଯ୍ୟ ଅଟେ ଯେ ଆମେ ଲୋକଙ୍କୁ ଡ଼ାକି ଡ଼ାକି କହିବା କି ଆସ ! ଏବଂ ଏଇଠି ନିଜର ଇହକାଳ ଓ ପରକାଳକୁ ସୁଧାରିବାର ରାସ୍ତା ପାଇବ । କହିଲେ, ଏ ବିଷୟରେ ଚିନ୍ତା କରିବା ଉଚିତ୍ ନୁହେଁ ଯେ, କିଏ ଏହା ଉପରେ ଅମଲ କରୁଛି ବା କରୁନାହିଁ'' । ଆମର କର୍ତବ୍ୟ ତାଙ୍କୁ ଭଲ ଆଡ଼କୁ ଡ଼ାକିବା ଏବଂ ତାଙ୍କର ସୁଧାର କରିବା । ତେଣୁ ଏହା ଦେଖିବା ଅନୁଚିତ୍ ଯେ କିଏ ଏହା ଉପରେ ଅମଲ କରୁଛି ବା ନାହିଁ ଓ ଗ୍ରହଣ କରୁଛି କି ନାହିଁ, ଗୋଟିଏ ପାର୍ସି ପଙ୍‌କ୍ତି ଆପଣ ଉପସ୍ଥାପନ କରୁଛନ୍ତି:-

**''କସେ ବଶନୁଦ୍ ୟା ନଶନୁଦ୍ ମନ୍ ଗୁଫତ୍‌ତୁଗୁଏ ମି କୁନମ୍''**

କିଏ ଶୁଣୁ ବା ନ ଶୁଣୁ ମୁଁ ତ କହିଚାଲିଥିବି ଓ ଉପଦେଶ ଦେଇଚାଲିଥିବି -

**(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୧୪୬-୧୪୭, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ)**

ସୁତରାଂ ନିଜର ପୁଣ୍ୟ ନମୁନା ପ୍ରତିଷ୍ଠା କରି ଆମକୁ ପ୍ରଚାର କାର୍ଯ୍ୟ ତୁଲେଇବାକୁ ହେବ ଏବଂ ପ୍ରତ୍ୟେକ ଅହେମଦୀଙ୍କର ଏହି ଦାୟିତ୍ୱ ଅଟେ । ଏଥିପ୍ରତି ଆମକୁ ଧ୍ୟାନ ଦେବାକୁ ହେବ । ଶେଷରେ ଏମିତି ଏକ ସମୟ ଆସିବ ଯେ, ଲୋକମାନେ ମଧ୍ୟ ଶୁଣିବେ କିନ୍ତୁ ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ଯଦି କେହି ନ ଶୁଣେ ତେବେ ମଧ୍ୟ ଏହି ସନ୍ଦେସକୁ ପହଂଚାଇବାକୁ ପଡ଼ିବ । କିନ୍ତୁ ଏଥି ସହିତ ଯେପରିକି ଆପଣ କହିଲେ ଯେ ଆପଣଙ୍କ ଜମାତ୍‌ର ଦୀକ୍ଷିତ ହୋଇ ଆମେ ଆମର ଉଚ୍ଚକୋଟିର ନମୁନା ମଧ୍ୟ ଉପସ୍ଥାପନ କରିବା ଉଚିତ୍ ଯଦ୍ୱାରା ଲୋକମାନଙ୍କ ଧ୍ୟାନ ମଧ୍ୟ ଆମ ଆଡ଼କୁ ହେବ । ପୁଣି ଆପଣ ଆମର ଅବସ୍ଥାକୁ ଉତମ କରିବା ପାଇଁ ଉପଦେଶଦେଇ କହିଛନ୍ତି ଐଶ୍ୱରିକ ବାଣୀ ଦ୍ୱାରା ଯାହା ପ୍ରାପ୍ତ ହୋଇଅଛି ''ଇଲ୍ଲଲ୍‌ଲଜିନା ଅଲଓ ବେଇସ୍‌ତିକ୍‌ବାର'' ଏହା ତାଉନ୍ (Plague) ସମ୍ବନ୍ଧରେ ଆରବୀ ଐଶୀବାଣୀ ଅଟେ । ଏହା ପୂର୍ବରୁ ମଧ୍ୟ ଆରବି ଶବ୍ଦ ରହିଛି । ଏହାର ଅର୍ଥ ହେଲା ଯେ ଯିଏ ବି ତୋ ଘରର ଚାରି କାନ୍ଥ ଭିତରେ ଆସିବ ତାକୁ ବଂଚାଇବି କିନ୍ତୁ ତା ସହିତ ଏ ଶବ୍ଦ ମଧ୍ୟ ଅଛି ଯେ, ''ଇଲ୍ଲଲ୍‌ଲଜିନା ଅଲଓ ବେଇସ୍‌ତିକ୍‌ବାର'' ଅର୍ଥାତ୍ ସେହି ଲୋକମାନେ ଯେଉଁମାନେ କି ନିଜକୁ ବହୁତ ଉଚ୍ଚ ବୋଲି ଭାବୁଥାନ୍ତି ଏହାର ବିଶ୍ଳେଷଣ ଆପଣ ଏପରି କରିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ରୂପେ ଆଜ୍ଞାଧୀନ ନୁହଁନ୍ତି । ବର୍ତମାନ ଆଜ୍ଞାଧୀନ ସେହିମାନେ ହିଁ ଅଟନ୍ତି ଯେଉଁମାନେ ମାନିଛନ୍ତି । ଆପଣ କହିଲେ ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ଆଜ୍ଞାଧୀନ ନୁହଁନ୍ତି ସେମାନେ ମଧ୍ୟ ଏହି ପରିସରଭୁକ୍ତ ଅଟନ୍ତି । ପୁଣି ଆପଣ କହିଲେ ଯେ ଏହା ଡ଼ରେଇବାବାଲା ଅଟେ । ଅଲ୍ଲାଃତାଲା ସ୍ପଷ୍ଟଭାବେ କହିଛନ୍ତି କି ଯିଏ ତୋ ଘର ଭିତରକୁ ଆସିବ ତାହାର ସୁରକ୍ଷା ମୁଁ କରିବି । ସେତ ଏକଥା ମଧ୍ୟ କହିଛି ଯେ, ଯେଉଁମାନେ ସମ୍ପୂର୍ଣ୍ଣରୂପେ ଆଜ୍ଞାଧୀନ ନୁହଁନ୍ତି ତାଙ୍କ ଉପରେ ଏହି ଆଦେଶ ଲାଗୁ ହେବ ନାହିଁ । ଏହା ନିଶ୍ଚିତ ନୁହେଁ ଯେ ସେମାନଙ୍କର ସୁରକ୍ଷା କରାଯିବ କିମ୍ବା ଅଲ୍ଲାଃତାଲାଙ୍କ ଉପରେ ଏହା ଧାର୍ଯ୍ୟ ନୁହେଁ ଯେ, ସେ ନିଶ୍ଚୟ ସେମାନଙ୍କର ସୁରକ୍ଷା କରିବେ ।

କହିଲେ ''ସେଥିପାଇଁ ଜରୁରୀ ଅଟେ ଯେ, ବାରମ୍ବାର ''କଶ୍‌ତି ନୁହ୍'' ପୁସ୍ତକ ପଢ଼ ଏବଂ କୋରାନ୍ ସରିଫ୍‌କୁ ପଢ଼ ଓ ତା ଅନୁଯାୟୀ ଅମଲ କର, କିଏ ଜାଣେ ଆଗକୁ କଣ ହେବାକୁ ଅଛି । ତୁମେମାନେ ନିଜର ଜାତି ତରଫରୁ ଯେଉଁ କୋପଦୃଷ୍ଟି (ଲାନତ୍) ନିନ୍ଦା, ଅପବାଦ ନେବାର ଥିଲା ନେଇ ଯାଇଅଛ । ଅହେମଦୀ ହେବା ପରେ ବହୁତ ଲୋକ ଶତ୍ରୁତା କରୁଛନ୍ତି । କିନ୍ତୁ ଯଦି ସେହି କୋପଦୃଷ୍ଟିକୁ ନେଇ ଅଲ୍ଲାଃତାଲାଙ୍କ ସହିତ ତୁମର ମାମଲା ସଫା ନ ହେବ ତାଙ୍କ ଦୟା ଓ କରୁଣାର ପାତ୍ର ନ ହୁଅ ତେବେ ଏପରି ଦୁଃଖ ଓ କଷ୍ଟ ହେବ । କହିଲେ ଯେ ''ଖବର କାଗଜ ବାଲା କିପରି ସ୍ୱର ଉତୋଳନ କରୁଛନ୍ତି, ଆମର ଶତ୍ରୁତାକୁ ନେଇ ପ୍ରତ୍ୟେକ କ୍ଷେତ୍ରରେ କରୁଛନ୍ତି'' ଏବଂ ଆଜିକାଲି ତ ଶତ୍ରୁତା ବହୁତ ବଢ଼ିଯାଇଛି । ଆମର ବହୁତ ସଂଖ୍ୟାରେ ଅହେମଦି ଲୋକମାନେ ଶତ୍ରୁତା ଯେଗୁଁ ପାକିସ୍ତାନରୁ ୟୁରୋପ ଚାଲି ଆସୁଛନ୍ତି । କହିଲେ ''କିନ୍ତୁ ସେମାନଙ୍କୁ ମନେ ରଖିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କ କାର୍ଯ୍ୟ ବାବର୍‌କତ୍ ହୋଇଥାଏ, ହଁ ଏକଥା ନିଶ୍ଚୟ ଯେ, ଏହି ବର୍‌କତ୍‌ରୁ ଭାଗ ପାଇବା ପାଇଁ ଆମେ ନିଜକୁ ସୁଧାରିବାକୁ ପଡ଼ିବ । ସେଥିପାଇଁ ତୁମେମାନେ ତୁମ ବିଶ୍ୱାସ ଓ ଅମଲ୍‌ର ନିରୀକ୍ଷଣ କର । କହିଲେ ''ତୁମେ ନିଜ ବିଶ୍ୱାସ ଓ ଅମଲ୍‌ର ନିରୀକ୍ଷଣ କର ଏପରି ପରିବର୍ତନ ଓ ନିର୍ମଳ କରିନିଅ ଯେ ତୁମର ହୃଦୟ ଅଲ୍ଲାଃତାଲାଙ୍କ ବାସସ୍ଥାନ ହୋଇଯାଉ ଏବଂ ତୁମେ ତାଙ୍କର ସୁରକ୍ଷା ବଳୟ ଭିତରକୁ ଆସିଯାଅ'' ।

**(ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୬୯-୭୦, ହାଶିୟା ନଂ -୨, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ)**

ତେଣୁ ଏହାର ନିରୀକ୍ଷଣ କରିବା ଆବଶ୍ୟକ ଅଟେ । ନୂଆ ଅହେମଦି ହୁଅନ୍ତୁ କିମ୍ବା ପୁରୁଣା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନି କରି ଯେପର୍ଯ୍ୟନ୍ତ ଆମେ ନିଜ କାର୍ଯ୍ୟରେ ପରିବର୍ତନ ନ ଆଣିଛେ ସେପର୍ଯ୍ୟନ୍ତ ସେହି ବର୍‌କାତ୍‌ରୁ ଲାଭ ପାଇପାରିବା ନାହିଁ । ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ବୟତ୍ କରିବା ଦ୍ୱାରା ଆମକୁ ମିଳିବା ଉଚିତ୍ । ନଚେତ୍ ଆମେ ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟ ଭିତରେ ଆସିପାରିବା ନାହିଁ ।

କହିଲେ ''ଇମାନ୍ ନିମନ୍ତେ ନମ୍ର ସ୍ୱଭାବ ବିହନ ସଦୃଶଅଟେ । ପୁଣି ଖରାପ କାର୍ଯ୍ୟକୁ ତ୍ୟାଗ କରିବା ଦ୍ୱାରା ଇମାନ୍‌ର ନରମ କଢ଼ି ବାହାରିଥାଏ । ନମ୍ର ଓ ସରଳ ହେବା, ଏହା ଇମାନ୍‌ର ମଞ୍ଜି ସଦୃଶ ଅଟେ । ଯେତେବେଳେ ଏହି ବିଶ୍ୱାସ ସୃଷ୍ଟି ହୋଇଯାଏ ମନୁଷ୍ୟ ଖରାପ କାର୍ଯ୍ୟକୁ ତ୍ୟାଗ କରିଦିଏ । ନମ୍ରତା ଓ ସରଳତା ଜନ୍ମ ହେବା ପରେ କୁ କାର୍ଯ୍ୟକୁ ପରିତ୍ୟାଗ କରି ଯେପରି ଗଛ ଲଗାଇବ, ସେଥିରୁ ଇମାନ୍‌ର ନରମ ନରମ କଢ଼ ବାହାରକୁ ବାହାରି ଆସେ । ପୁଣି କହିଲେ ''ଅର୍ଥକୁ ଯଦି ଜକାତ୍ ଦିଆଯାଏ ତଦ୍ୱାରା ଇମାନ୍ ରୂପକ ଗଛରେ ଶାଖା ବାହାରିଆସେ । ''ଯେଉଁମାନେ ଧନକୁ ସତ୍ ପଥରେ ଖର୍ଚ୍ଚ କରିଥାନ୍ତି, ଜକାତ୍ ଦେଇଥାନ୍ତି, ଅଲ୍ଲାଃତାଲାଙ୍କ ରାସ୍ତାରେ ଖର୍ଚ୍ଚ କରିଥାନ୍ତି ସେମାନେ ଏହି ଗଛକୁ ଅଧିକ ବଢ଼ାଇ ଥାନ୍ତି ଏବଂ ସେହି ଗଛର ଶାଖା ପ୍ରଶାଖା ବାହାରି ଆସେ । ଯାହା ସେହି ଗଛକୁ ମଜ୍‌ବୁତ୍ କରିଥାଏ'' । କହିଲେ ପୁଣି ଷଡ଼ରିପୁର ମୁକାବିଲା କରିବା ଦ୍ୱାରା ସେହି ଶାଖା ଗୁଡିକ ବହୁତ ମଜ୍‌ବୁତ୍ ହୋଇଥାଏ । ଯେବେ ମନୁଷ୍ୟ ହୃଦୟରେ କାମନା ଜାଗ୍ରତ ହୋଇଥାଏ, ଖରାପ ମନୋଭାବ ଜନ୍ମ ହୋଇଥାଏ, ଇନ୍ଦ୍ରିୟର କାମନା ସୃଷ୍ଟି ହୋଇଥାଏ, ଖରାପ ଆଡ଼କୁ ଧ୍ୟାନ ଆକର୍ଷିତ ହୋଇଥାଏ ମନୁଷ୍ୟ ତାର ମୁକାବିଲା କରିଥାଏ ଏବଂ ତାକୁ ଦବେଇ ଦେଇଥାଏ । ଯେତେବେଳେ ଏପରି ପରିସ୍ଥିତି ସୃଷ୍ଟି ହୁଏ ଏବଂ ସେସବୁକୁ ଦବେଇ ରଖେ, ତେବେ ପୁଣି ଏହି ଯେଉଁ ଶାଖା ବାହାରିଥାଏ ତାହା ମଧ୍ୟରେ ଦୃଢତା ଆସିଥାଏ । ଯେତେବେଳେ ମନୁଷ୍ୟ ତା'ର କାମନାକୁ ମାରିଥାଏ । ପୁଣି କହିଲେ ଯେ ''ନିଜ ପ୍ରତିଶୃତି ଓ ଅମାନତ୍‌ର ସମସ୍ତ ଶାଖାଗୁଡିକର ସୁରକ୍ଷା କରିବା ଦ୍ୱାରା ଇମାନ୍‌ର ଗଛ ନିଜ ଶାଖା ପ୍ରଶାଖା ମଧ୍ୟରେ ମଜ୍‌ବୁତ୍ ହୋଇ ଛିଡ଼ା ହୋଇଥାଏ । ପୁଣି ଆପଣମାନେ ଯେଉଁ ସପଥ କରିଛନ୍ତି ଯେ ମୁଁ ଧର୍ମକୁ ସଂସାର ଠାରୁ ଅଧିକ ଗୁରୁତ୍ୱ ଦେବି । ଖୁଦ୍ଦାମୁଲ୍ ଅହମଦୀୟାରେ ମଧ୍ୟ ଏହି ଶପଥ କରାଯାଏ । ଅନ୍‌ସାରୁଲ୍ଲାହାରେ, ଲଜନା ରେ, ଜମାତ୍‌ର ବୟତ୍ ସମୟରେ ମଧ୍ୟ ଏହି ଶପଥ ନିଆଯାଇଥାଏ । ତେବେ ଯଦି ତୁମେ ନିଜ ଶପଥ ଏବଂ ନିଜ ଅମାନତ୍ ଯାହା ତୁମ ଉପରେ ନ୍ୟସ୍ତ କରାଯାଇଛି ତାର ସୁରକ୍ଷା କରିବ । ଅମାନତ୍ କଣ ? ଓ୍ୱହଦାଦ୍‌ରମାନଙ୍କ ଉପରେ ଯେଉଁ ଦାୟିତ୍ୱଗୁଡିକୁ ନ୍ୟସ୍ତ କରାଯାଇଛି ତାହା ମଧ୍ୟ ଅମାନତ୍ ଅଟେ । ସାଧାରଣ ଅହେମଦୀଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାର ପ୍ରକୃତ ନମୁନା ସେମାନେ ଦେଖାନ୍ତୁ ଏବଂ କାହାପ୍ରତି ଧୋକାର କାରଣ ନ ହୁଅ । ଯଦି ଏହିପରି ହୁଅ ତେବେ ଇମାନ୍ ର ବୃକ୍ଷଟି ଗୋଟିଏ ମଜ୍‌ବୁତ୍ ଗଣ୍ଡି ଉପରେ ଛିଡ଼ା ହୋଇ ରହିବ । ଏ ସମସ୍ତେ ମିଶି ଏହି ବୃକ୍ଷଟିକୁ ସୁଦୃଢ଼ କରିଦେବେ ଏବଂ ପୁଣି କହିଲେ ''ଫଳ ଲାଗିବା ସମୟରେ, ଗଛ ଯେତେବେଳେ ବଡ଼ ହୋଇଯାଏ ତାହା ଫଳ ପ୍ରଦାନ କରିଥାଏ ତା ଉପରେ ଆଉ ଏକ ଶକ୍ତିର ସ୍ରୋତ ବହିଥାଏ, କାହିଁକି ନା ସେହି ଶକ୍ତି ବିନା ନା ଫଳ ଫଳିପାରିଥାନ୍ତା ନା ଫୁଲ ଫୁଟିପାରିଥାନ୍ତା'' ।

**(ବରାହିନେ ଅହମଦୀୟା, ପଂଚମଭାଗ, ରୁହାନି ଖଜାଇନ୍, ଖଣ୍ଡ-୨୫, ପୃଷ୍ଠା-୨୦୯ ହାଶିୟା)**

ପୁଣି ଯେତେବେଳେ ତାହା ମଜ୍‌ବୁତ୍ ହୋଇଯାଏ ତେବେ ଅଲ୍ଲାତାଲାଙ୍କ ଦୟା ମଧ୍ୟ ଅବତୀର୍ଣ୍ଣ ହୋଇଥାଏ ପୁଣି ଅଲ୍ଲାଃତାଲା ସେହି ଗଛକୁ ଫଳ ପ୍ରଦାନ କରିଥାନ୍ତି ଏବଂ ସେହି ଗଛ ଅଲ୍ଲାଃତାଲାଙ୍କ ସାନିଧ୍ୟରୁ ଉପକାର ପାଇଥାଏ । ଆମକୁ ନମ୍ର ହେବାକୁ ପଡ଼ିବ, ତା ଦ୍ୱାରା ଆମେ ଆତ୍ମ ବଳୀଦାନର ହକ୍ ତୁଲେଇ ପାରିବା, ନିଜ ବିଶ୍ୱାସରେ ଉନ୍ନତି କରିପାରିବା । ଅଯଥା କଥା, ଯାହା ଆଜି କାଲି ଆମକୁ ଘେରି ରହିଛି ଏବଂ ପ୍ରତ୍ୟେକ ଘରେ ଟିଭି, ଇଂଟରନେଟ୍ ଜରିଆରେ ଉପଲବ୍ଧ ରହିଛି, ତା ଠାରୁ ବଂଚିତ ହୋଇପାରିବା ଏବଂ ନିଜର ବିଶ୍ୱାସରେ ଉନ୍ନତି ଆଣିବା ପାଇଁ ଉକ୍ତ କୁ କାର୍ଯ୍ୟରୁ ନିବୃତ ହେବା ଜରୁରୀ ଅଟେ । ତେବେ ଯାଇ ଆମେ ଅଲ୍ଲାଃତାଲାଙ୍କ ସାନିଧ୍ୟର ଫୁଲ, ଫଳ ରେ ପରିପୂର୍ଣ୍ଣ ଡାଳ ହୋଇପାରିବା ଓ ନିଜେ ଓ ନିଜର ପିଢ଼ିକୁ ଇହକାଳ ଓ ପରକାଳ ନିମନ୍ତେ ସୁଧାରିପାରିବା ।

ଗୋଟିଏ ଅବସରରେ ଆପଣ ସିଲ୍‌ସିଲା (ସଂଗଠନ)ର ଉଜ୍ୱଳ ଭବିଷ୍ୟତ ବିଷୟରେ ସନ୍ଦେସ ଦେଇ କହିଲେ ଯେ ''ଏ ଯୁଗ ମଧ୍ୟ ଆଧ୍ୟାତ୍ମିକ ଲଢାଇର ଯୁଗ ଅଟେ । ସଇତାନ୍ ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଛି । ସଇତାନ୍ ନିଜର ସମସ୍ତ ହତିଆର୍ ଓ ମନସ୍ତକୁ ନେଇ କରି ଇସ୍‌ଲାମ୍‌ର ଗମ୍ବୁଜ ଉପରେ ଆକର୍ଷଣ କରିବା ପାଇଁ ପ୍ରସ୍ତୁତ ରହିଛି ଏବଂ ସେ ଚାହୁଁଛି ଯେ, ଇସ୍‌ଲାମ୍‌କୁ ପରାସ୍ତ କରିଦେବୁ ବୋଲି କିନ୍ତୁ ଖୋଦାତାଲା ବର୍ତମାନ ସଇତାନ୍‌ର ଶେଷ ଯୁଦ୍ଧରେ ତାକୁ ସବୁଦିନ ପାଇଁ ପରାସ୍ତ କରିବା ପାଇଁ ଏହି ସଂଗଠନକୁ ପ୍ରତିଷ୍ଠା କରିଛନ୍ତି । ସୁତରାଂ ନିଜର ଅନୁଧ୍ୟାନ କରିବା ଦରକାର ଯେ, କଣ ଆମର ଅବସ୍ଥା ଏପରି ଅଟେ କି ଆମେ ସଇତାନ୍ର ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ? କହିଲେ-ଭାଗ୍ୟବାନ ସେ ଯିଏ ତାକୁ ଚିହ୍ନଟ କରିଛି ବର୍ତମାନ ଅଳ୍ପ ଯୁଗ ରହିଗଲା, ବର୍ତମାନ ପୁଣ୍ୟ ପ୍ରାପ୍ତି ହେବ । କିନ୍ତୁ ନିଜେ ଭବିଷ୍ୟତର ସମୟ ଆସୁଛି କି ଅଲ୍ଲାଃତାଲା ଏହି ସଂଗଠନର ସତ୍ୟତାକୁ ସୂର୍ଯ୍ୟଙ୍କ ପରି ଉଜ୍ୱଳ ହୋଇଯିବ । ସେତେବେଳେ ତ ଲୋକମାନେ ଇମାନ୍ ଆଣିବେ ହିଁ କିନ୍ତୁ ସଓ୍ୱାବ୍ (ପୁଣ୍ୟ) ର ଅଧିକାରୀ ହେବେ ନାହିଁ ଏବଂ ଦ୍ୱାର ବନ୍ଦ ହେବା ପରି ହେବ । ଗ୍ରହଣୀୟ ତ ହେବ କିନ୍ତୁ ସେ ସ୍ତର ହେବ ନାହିଁ, ଯାହା ଆଜି ଅଛି, ସଂସାର ଆମକୁ କିଛିବୋଲି ଭାବୁନାହିଁ । କହିଲେ ''ବର୍ତମାନ ମୋତେ ଗ୍ରହଣ କରିଥିବା ଲୋକଙ୍କ ପାଇଁ ଏକ ବଡ଼ ଇନ୍ଦ୍ରିୟଜନିତ ଯୁଦ୍ଧ ନିଜ ହୃଦୟ ସହିତ-

*ଅବଶିଷ୍ଟାଂଶ ପୃଷ୍ଠା-୧୨ରେ ଦେଖନ୍ତୁ-----*

# ଖୁତ୍‌ବା ଜୁମା

❖ ଅଲ୍ଲାଃଙ୍କ ଅଶେଷ କୃପା ଯେ ଆଜି ଜମାତ୍ ଅହେମଦିଆ ସ୍ୱିଡେନ୍‌କୁ ନିଜର ୨ୟ ମସ୍‌ଜିଦ୍ ତିଆରି କରିବାର ଶକ୍ତି ପ୍ରଦାନ କଲେ । ଯାହାର ନାମ ମସ୍‌ଜିଦ୍ ମହ୍‌ମୁଦ୍ ରଖାଯାଇଛି । ମସ୍‌ଜିଦ୍‌ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜମାତ୍‌ର ସମସ୍ତ ପୁରୁଷ ଓ ମହିଳାମାନଙ୍କର ନିଷ୍ଠାପର ଅବଦାନ ରହିଛି । ଯେଉଁ ସ୍ଥଳେ ରୋଜଗାରକ୍ଷମ ବ୍ୟକ୍ତିମାନେ ଆର୍ଥିକ ସହାୟତା କରିଛନ୍ତି ସେଠାରେ ମହିଳା ତଥା ପିଲାମାନେ ପଛରେ ନ ରହି ଅଲ୍ଲାଃଙ୍କ ଘର ତିଆରି କରିବାରେ ଧର୍ମକୁ ପ୍ରାଥମିକତା ଦେବାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

❖ ଅଲ୍ଲାଃଙ୍କ କୃପାରୁ ଜମାତ୍‌ରେ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ଦାନ କରିବା ପାଇଁ ଅଧର୍ଯ୍ୟ ହୋଇଥାନ୍ତି । ଜମାତ୍ ନିମନ୍ତେ ଓ ଅଲ୍ଲାଃଙ୍କ ନିମନ୍ତେ ଅହେମଦିମାନଙ୍କ ମଧ୍ୟରେ ଏପରି ଉତ୍ସାହ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଅ:ସ ଙ୍କ ଦାସ ଫୁଙ୍କି ଦେଇଛନ୍ତି । ଯେପରି ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ଅହେମଦିମାନଙ୍କ ଅର୍ଥବ୍ୟୟ ଦେଖି ଆପଣ ସ୍ୱୟଂ ହତବାକ୍ ହୋଇପଡୁଥିଲେ । ଆଜି ମଧ ସେହିପରି ବଳିଦାନ (କୁର୍ବାନୀ) ହତବାକ୍ କରିଦେଉଛି ।

❖ ଏହି ମସ୍‌ଜିଦ୍‌ର ନିର୍ମାଣ ଯାହାର ଉପର ମହଲାରେ ରହିବାର ସୁବିଧା, କାର୍ଯ୍ୟାଳୟ, ପୁସ୍ତକାଳୟ ଆଦିରେ ସମୁଦାୟ ଖର୍ଚ୍ଚର ରିପୋର୍ଟ ମୋତେ ଦିଆଯାଇଛି ତାହା ପାଖାପାଖି ସାଢ଼େ ଶଇଁତିରିଶି ମିଲିୟନ୍ କ୍ରୋନର୍ ଅଟେ ।

❖ ଅଲ୍ଲାଃତାଲା (ଏଥିରେ) ଅର୍ଥ ବ୍ୟୟ କରିଥିବା ଲୋକମାନଙ୍କୁ ତାହାର ସୁଫଳ ପ୍ରଦାନ କରନ୍ତୁ । ସେମାନେ ବେଶ୍ ସୁନ୍ଦର ମସ୍‌ଜିଦ୍ ପ୍ରସ୍ତୁତ କରିଛନ୍ତି । ଏହି ଅଂଚଳର ଲୋକମାନେ ମଧ ଏହାର ସୌନ୍ଦର୍ଯ୍ୟର ପ୍ରଶଂସା କରିଛନ୍ତି । ମସ୍‌ଜିଦ୍ ମହ୍‌ମୁଦ୍‌ର ନିର୍ମାଣରେ ଅର୍ଥ ବ୍ୟୟ କରିଥିବା ଜମାତି ସଦସ୍ୟମାନଙ୍କର ଆତ୍ମବୋଧକ ଚର୍ଚ୍ଚା ।

❖ ମସ୍‌ଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ସେତେବେଳେ ପୁରଣ ହୋଇଥାଏ ଯେତେବେଳେ ଅଧିକରୁ ଅଧିକ ନମାଜୀ ମସ୍‌ଜିଦ୍‌କୁ ଆବାଦ୍ କରିବେ । ତତ୍ ସହିତ ତବ୍‌ଲିଗ୍ କରି ଅଂଚଳର ଲୋକମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ସହ ଅବଗତ କରାଇବେ ।

❖ ଆମ ଜମାତ୍ ପାଇଁ ମସ୍‌ଜିଦ୍‌ର ଆବଶ୍ୟକତା, ଗୁରୁତ୍ୱପୂର୍ଣ୍ଣତା ତଥା ତାହାର ଉଦ୍ଦେଶ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ କଥନ ମାଧ୍ୟମରେ ଜମାତର ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ।

❖ ଏପରି ନ ମଣ କି ଆମେ ଏକ ସୁନ୍ଦର ମସ୍‌ଜିଦ୍ ତିଆରି କରିବା ପରେ ଆମେ ଆମ କର୍ତବ୍ୟରୁ ମୁକ୍ତ ହୋଇଗଲେ । ମନେରଖ ଏହା ପରେ ଆମର ଅସଲ କର୍ତବ୍ୟ (ବର୍ତମାନ) ଆରମ୍ଭ ହେଲା ।

❖ ବର୍ତମାନ ଧର୍ମରେ ଦୃଢ଼ତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମାଧ୍ୟମରେ ହାସଲ ହୋଇଛି । କାରଣ ଆପଣ ହଜ୍‌ରତ୍ ମୁହମ୍ମଦ୍ ସ:ଆ ଙ୍କ ସଚ୍ଚୋଟତା ରୂପରେ ଆବିର୍ଭାବ ହୋଇ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଓ ତାର ନମୁନା ପ୍ରକାଶିତ କରିବା ନିମନ୍ତେ ପ୍ରେରିତ ହୋଇଛନ୍ତି । ସୁତରାଂ ଇସ୍‌ଲାମ୍‌ର ହଜିଯାଇଥିବା ଅସ୍ତିତ୍ୱକୁ ଫେରାଇଆଣିବା ନିମନ୍ତେ ଆପଣଙ୍କର ଆଗମନ ଏବଂ ଖିଲାଫତ୍‌ର ସୁ ବ୍ୟବସ୍ଥା ମଧ ଆପଣଙ୍କ ମାଧ୍ୟମରେ ପ୍ରଚଳିତ ହେବାର ଥିଲା । ପରିଶେଷରେ ତାହା ହୋଇଯାଇଛି । ଆଜି ସମଗ୍ର ବିଶ୍ୱରେ କେବଳ ଜମାତ୍ ଅହେମଦିଆ ହିଁ ଏହି ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳିତ କରୁଛି । ଯାହାକି ପ୍ରକୃତ ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାରର କାର୍ଯ୍ୟ ତୁଲାଉଛି ଏବଂ କେବଳ ଉପାସନା କରିବା ନିମନ୍ତେ ମସ୍‌ଜିଦ୍ ନିର୍ମାଣ କରୁଅଛି । ନା କି ବିଦ୍ରୋହ ବା ଷଡ଼ଯନ୍ତ୍ର ନିମନ୍ତେ । ଏହା ସବୁ ଧର୍ମକୁ ସୁଦୃଢ଼ କରିବା ନୁହେଁ ତ ଆଉ କଣ ?

**ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]
**(ପ୍ରଦତ୍ତ: ୧୩ ମଇ ୨୦୧୬ ଅନୁଯାୟୀ ୧୩ ଶାହାଦତ୍ ୧୩୯୫ ହି.ଶ)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ . اَلرَّحْمٰنِ الرَّحِيمِ . مٰلِكِ يَوْمِ الدِّينِ . إِيَّاكَ نَعْبُدُ وَإِيَّاكَ نَسْتَعِينُ .
اِهْدِنَا الصِّرَاطَ الْمُسْتَقِيمَ . صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ .

ତଶହୁଦ୍, ତ'ଉଜ ଏବଂ ସୁରେ 'ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ ନିମ୍ନ ପଙ୍‌କ୍ତିର ପାଠ କଲେ-**ଇନ୍ନମା ୟାମୁରୁ ମସାଜିଦଲ୍ ଲାହି ମନ୍ ଆମନା ବିଲ୍ ଲାହି ଓଲ୍ ୟୋମିଲ୍ ଆଖିରି ଓ ଅକାମସ୍ ସଲାତା ଓ ଆତଜ୍ ଜକାତା ଓଲମ୍ ୟଖ୍‌ଶା ଇଲ୍ ଲଲ୍ଲାହା 'ଅସା ଉଲାଇକା ଆଇଁ ୟକୁନୁ ମିନଲ୍ ମୁହତଦିନ୍** । (ତୌବା ଆୟତ ନଂ-୧୮)

**ଅଲ୍ ଲଜିନା ଇମ୍ ମକ୍ କନ୍ନା ହୁମ୍ ଫିଲ୍ ଅରଜେ ଅକାମୁସ୍ ସଲାତା ଓ ଆତୁଜ୍ ଜକାତା ଓ ଆମରୁ ବିଲ୍ ମାରୁଫି ଓ ନହଓ ଆନିଲ୍ ମୁନକର ଓ ଲିଲ୍ଲାହି ଆକିବତୁଲ୍ ଉମୁର୍** । (ସୁରେ ହଜ ଆୟତ ନଂ-୪୧)

ଅଲ୍ଲାଃଙ୍କ ଅଶେଷ କୃପା ଯେ ଆଜି ସେ ଜମାଅତ ଅହମଦିୟା ସ୍ୱିଡେନକୁ ନିଜର ଦ୍ୱିତୀୟ ମସଜିଦ୍ ତିଆରି କରିବାର ଶକ୍ତି ପ୍ରଦାନ କଲେ । ଜାହାର ନାମ ମସଜିଦ୍ ମେହମୁଦ ରଖାଯାଇଛି । ମସଜିଦ୍ କାର୍ଯ୍ୟ ସମ୍ପର୍ଣ୍ଣ କରିବାରେ ଜମାଅତର ସମସ୍ତ ପୁରୁଷ ଓ ମହିଳାମାନଙ୍କର ନିଷ୍ଠାପର ଅବଦାନ ରହିଛି । ଏପରି ଏକ ଛୋଟ ଜମାଅତ ପାଇଁ ଏହା ଏକ ବେଶ ବଡ ଲକ୍ଷ ହାସଲ କରିବା ଅଟେ । ଏଠାକାର ରୋଜଗାର କ୍ଷମ ବ୍ୟକ୍ତିମାନେ ଆର୍ଥିକ ସାହାଯ୍ୟ କରିବା ସ୍ଥଳେ ଜମାଅତର ମହିଳା ଓ ପିଲାମାନେ ପଛରେ ରହିଯାଇ ନାହାନ୍ତି ବରଂ ଅଲ୍ଲାଃଙ୍କ ଘର ତିଆରି କରିବାରେ ସେମାନେ ଧର୍ମକୁ ପ୍ରାଥମିକତା ଦେବାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଏପରି କିଏ ଅଛି ଯାହାର କି କିଛି କାମନା ନାହିଁ ଏବଂ କିଏ ଅଛି ଯାହାର କିଛି ଆବଶ୍ୟକତା ମଧ ନାହିଁ ? ଏହି ଯୁଗରେ ଯେତେବେଳେ କି ଅଗଣିତ ସାଂସାରିକ ଜିନିଷ ନିଜପ୍ରତି ଲୋକମାନଙ୍କ ଧ୍ୟାନ ଆକର୍ଷିକ କରୁଅଛି । ଧର୍ମମାର୍ଗରେ ଅହମଦିମାନଙ୍କ ଅର୍ଥ ବ୍ୟୟ କରିବା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ଚକିତ । କେବଳ ଗୋଟିଏ ମସଜିଦ୍ ତିଆରି କରିବାରେ ନୁହେଁ ବରଂ ଏହା ସହିତ ମିସନ ହାଉସ୍, ଏହିପରି ଆହୁରି ଅନେକ କାର୍ଯ୍ୟ ସମଗ୍ର ସଂସାରରେ ଆମର ଅନବରତ ଲାଗିରହିଛି ଏବଂ ଏଥିପାଇଁ (ଅହେମଦୀ) ବିଭିନ୍ନ ଆକାରରେ ଚାନ୍ଦା ଦେଇଥାନ୍ତି । ଆର୍ଥିକ ଅବସ୍ଥା ସ୍ୱଛଳ ଥିବା ଅହେମଦୀ ନିଜର ଆବଶ୍ୟକତା ଓ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ଗରିବ ଦେଶର ଅହେମଦୀମାନଙ୍କ ଆବଶ୍ୟକତା ପୁରଣ କରିବା ନିମନ୍ତେ ତ୍ୟାଗ (କୁର୍‌ବାନୀ) କରୁଛନ୍ତି । ଏହା ପରେ ସେମାନେ ତାଙ୍କ ନିଜ ଜମାତ୍‌ର ଆବଶ୍ୟକତା ପୁରଣ କରିବାରେ ମଧ ସହାୟତାର ହାତ ବଢ଼ାଇଥାନ୍ତି । ଜମାଅତରେ ଅଲ୍ଲାଃଙ୍କ କୃପାରୁ ଏପରି ଅନେକ ଲୋକ ଅଛନ୍ତି ଯେ ଦାନ କରିବା ପାଇଁ ଅଥୟ, ଅଧର୍ଯ୍ୟ ଓ ଜମାଅତ, ଅଲ୍ଲାଃଙ୍କ ଖାତିର୍ ଅହେମଦିଙ୍କ ମଧ୍ୟରେ ଏହି ଉତ୍ସାହ ହଜରତ ମହମ୍ମଦ ସ.ଆଙ୍କ ଦାସ ଫୁଙ୍କି ଦେଇଛନ୍ତି । ହଜରତ ମସିହ ମଉଦ ଆ.ସଙ୍କ ସମୟରେ ଅହେମଦୀଙ୍କ ଏପରି ଅର୍ଥ ବ୍ୟୟ ଦେଖି ଆପଣ ଯେମିତି ହତବାକ୍ ହେଇ ପଡନ୍ତି । ଠିକ୍ ସେହିପରି ଆଜି

ଅଣଅହେମଦୀମାନେ ହତବାକ୍ ହେଉଛନ୍ତି । ପ୍ରକୃତରେ ଏସବୁ ଅଲ୍ଲାଃଙ୍କ କୃପା ଯାହାକି ସେ ହଜରତ ମସିହ ମଉଦ ଆ.ସ ଙ୍କ ସହ କରିଥିବା ଅଙ୍ଗୀକାରର ପରିପ୍ରକାଶ କି ସେ ଆପଣଙ୍କ (ଜମାଅତ)ର ଆବଶ୍ୟକତା ପୂରଣ କରି ଚାଲିଥିବେ । ଏହି ମସ୍‌ଜିଦ୍‌ର ନିର୍ମାଣ ଓ ଉପରେ ରହିବା ଘର, କାର୍ଯ୍ୟାଳୟ, ପୁସ୍ତକାଳୟ ଆଦି ବାବଦରେ ଖର୍ଚ୍ଚର ଯେଉଁ ରିପୋର୍ଟ ମତେ ଦିଆଯାଇଛି ତାହା ପାଖାପାଖି ଷାଢ଼େ ସଇଁତିରିଶ ମିଲିୟନ୍ କ୍ରୋନର୍ ଅଟେ କିମ୍ବା ୩.୨ ମିଲିୟନ୍ ପାଉଣ୍ଡ୍ ଖର୍ଚ୍ଚ ହୋଇଛି । ଯେଉଁଥିରେ ହଲ୍, ମୁରବୀଙ୍କ କ୍ୱାର୍ଟର ଓ ଭୋଜନାଳୟ ରହିଛି । ହଲ୍‌ର ଶେଷ କାର୍ଯ୍ୟ ଜାରି ରହିଛି । କାର୍ଯ୍ୟ ନିର୍ବାହୀଙ୍କ ମତରେ ଏଥିରେ ଆଉ ପାଖାପାଖି ୮-୧୦ ମିଲିୟନ୍ କ୍ରୋନର୍ ଖର୍ଚ୍ଚ ହେବ । ଯେମିତିକି ଆମର ଅଧିକାଂଶ କାର୍ଯ୍ୟ ଓକାରେ ଅମଲ୍ ମାଧ୍ୟମରେ ସମ୍ପାଦନ ହୋଇଥାଏ ଯଦ୍ୱାରା ଆମର କିଛି ଅର୍ଥ ବଂଚିଯାଏ । ସେଠାରେ ସେବାରତ କେତେକ କର୍ମୀ ମୋତେ କହିଲେ ଯେ, ଆମେ ଏଠି ଦିନ ରାତି ରହି କାର୍ଯ୍ୟ ସମ୍ପାଦନ କରୁଥିଲୁ ଏବଂ ଖୁବ୍ କମ୍ ସମୟ ପାଇଁ ଘରକୁ ଯାଇ ଫେରି ଆସୁଥିଲୁ । ଯଦ୍ୱାରା ମସ୍‌ଜିଦ୍‌ର ଶୁଭାରମ୍ଭ ଶିଘ୍ର ହୋଇଯିବ ବୋଲି । କିନ୍ତୁ ଯେପରିକି ମୁଁ କହିଲି ତଥାପି ମଧ୍ୟ କେତେକ କାମ ବାକି ରହିଯାଇଛି । ଏହି ଠିକାଦାର୍ ଓ ଶ୍ରମିକମାନେ ଯେଉଁ ସ୍ଥାନରେ ଥରେ ପ୍ରବେଶ କରିଥାନ୍ତି ସେଠାରେ ସେମାନେ ନିଜ ମନଇଚ୍ଛାରେ ବାହାରିଥାନ୍ତି । ଏଠିକାର ବ୍ୟବସ୍ଥାକୁ ଓ ଏସବୁକୁ ଧ୍ୟାନରେ ରଖି ମୋତେ ନିମନ୍ତ୍ରଣ ଦେବାର ଥିଲା । ଏହି ମସଜିଦ୍‌ର ମଧ୍ୟ ଅନେକ କାର୍ଯ୍ୟ ଓକାରେ ଅମଲ୍ ଦ୍ୱାରା ସାଧିତ ହୋଇଛି । ସେ ଯାହା ହେଉ ଅଲ୍ଲାଃତାଲା ମସଜିଦ୍‌ର ନିର୍ମାଣ କାର୍ଯ୍ୟରେ ଦାନ କରିଥିବା ତଥା ଏଥିରେ କୌଣସି ପ୍ରକାରର ସହଯୋଗ କରିଥିବା ସଦସ୍ୟମାନଙ୍କୁ ତାହାର ସୁଫଳ ପ୍ରଦାନ କରନ୍ତୁ । ଆପଣମାନେ ବେଶ୍ ସୁନ୍ଦର ମସଜିଦ୍ ତିଆରି କରିଛନ୍ତି । ଅଂଚଳର ଲୋକମାନେ ମଧ୍ୟ ଏହାର ପ୍ରଶଂସା କରୁଛନ୍ତି । ଦୁଇ ଦିନ ପୂର୍ବରୁ ଖବର କାଗଜ ଓ ରେଡ଼ିଓ ପ୍ରତିନିଧିମାନେ ଏଠାକୁ ଆସିଥିଲେ । ସେମାନେ ମଧ୍ୟ ମୋତେ ଏହା କହିଲେ କି ବେଶ୍ ସୁନ୍ଦର୍ ବସ୍‌ଜିଦ୍ ତିଆରି କରିଛ ଏବଂ ଏହା ସ୍ଥାନୀୟ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଅଛି । ବର୍ତମାନ ଏଥିରେ କୁରବାନୀ କରିଥିବା କିଛି ପିଲା ଓ ବଡମାନଙ୍କର ଚର୍ଚ୍ଚା କରୁଅଛି । ଜଣେ ୧୧ବର୍ଷିୟ ବାଳିକା ମସଜିଦ୍ ତିଆରି ପାଇଁ କିଛି ଶହ କ୍ରୋନର (ସେଠାକାର ରାଶି) ପ୍ରଦାନ କରି କହିଲେ ମୋତେ ନିଜ ଗୁରୁଜନମାନଙ୍କ ଠାରୁ ଖର୍ଚ୍ଚ ପାଇଁ ଯେଉଁ ଟଙ୍କା ମିଳୁଥିଲା ତାହା ମୁଁ ଜମାକରି ଆସୁଥିଲି । ଆଜି ସେ ସମସ୍ତ ଅର୍ଥ ମସଜିଦ୍ କାର୍ଯ୍ୟ ନିମନ୍ତେ ପ୍ରଦାନ କରୁଅଛି । ଆଉ ଏକ ୧୦/୧୧ ବର୍ଷର ବାଳିକା ଅମିର ସାହେବ କିମ୍ବା କର୍ମକର୍ତା କିମ୍ବା ଚାନ୍ଦା ଜମାକାରୀଙ୍କୁ ୫୦୦ କ୍ରୋନର ମସଜିଦ୍ ପାଇଁ ପ୍ରଦାନ କରି କହିଲେ କି ମୋର ଦୁଇଟି ଶୁଆ ଥିଲେ ଯାହାକୁ ବିକ୍ରି କରି ମୁଁ ଏହି ଟଙ୍କା ନେଇ ଆସିଛି । ଜାଣିବାର କଥା ଯେ ଏହି ଦେଶମାନଙ୍କରେ ଲୋକମାନେ ଏପରି ଜୀବଙ୍କୁ ପୋଷିବାକୁ ଭାରି ଭଲ ପାଇଥାନ୍ତି । କିନ୍ତୁ ଅହେମଦୀ ପିଲାମାନେ ନିଜ ପୋଷା ଜୀବ ଆପେକ୍ଷା ଅଲ୍ଲାଃଙ୍କ ଘର ତିଆରିକୁ ପ୍ରାଧାନ୍ୟ ଦେଇଥାନ୍ତି । ପ୍ରକୃତରେ ନିଜ ରୁଚି ଅପେକ୍ଷା ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ ହିଁ ଶ୍ରେୟସ୍କର ଏବଂ ଅହେମଦୀ ପିଲାମାନେ ହିଁ ଏକଥା ଭଲ ଭାବରେ ବୁଝିଥାନ୍ତି । କାରଣ ସେମାନଙ୍କୁ ବାଲ୍ୟବସ୍ଥାରୁ ଏହି ଶିକ୍ଷା ଦିଆ ଯାଇଥାଏ କି ମସଜିଦ୍ ନିର୍ମାଣରେ ଅଂଶଗ୍ରହଣକାରୀ ଜନ୍ନତ୍‌ରେ ନିଜ ପାଇଁ ଘର ତିଆରି କରିଥାଏ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଛନ୍ତି- ସହରର ସବୁଠାରୁ ଉତମ ସ୍ଥାନ ମସ୍‌ଜିଦ୍ ଅଟେ । ଆପଣ ଆହୁରି ମଧ୍ୟ କହିଛନ୍ତି କି ସାହି ସାହିରେ ଗାଁ ଗାଁ ରେ ତଥା ସହର ସହରରେ ମସ୍‌ଜିଦ୍ ନିର୍ମାଣ କର । ତେଣୁ ଆମେ ପ୍ରତ୍ୟେକ ସ୍ଥାନରେ ମସ୍‌ଜିଦ୍ ତିଆରି କରୁଅଛୁ ।

ମୋତେ ଅନେକ ସାମ୍ବାଦିକ ପ୍ରଶ୍ନ କରିଥାନ୍ତି କି ଏଠାରେ କାହିଁକି ମସ୍‌ଜିଦ୍ ତିଆରି କଲେ । ଆପଣଙ୍କ ଉଦ୍ଦେଶ୍ୟ କଣ ? ସେହିପରି ଏଠାରେ ମଧ୍ୟ (ପ୍ରଶ୍ନ) କରୁଛନ୍ତି । ଦେଖ ମାଲ୍‌ମୋ (ସହରର) ବିଶେଷତ୍ୱ ଅଛି ନା ଅନ୍ୟ କୌଣସି ସ୍ଥାନର ଯେ ସେଠାରେ ମସ୍‌ଜିଦ୍ ନିର୍ମାଣ କରିବା ଅନିର୍ବାର୍ଯ୍ୟ । ବରଂ ଆମର ଲକ୍ଷ୍ୟ ପ୍ରତ୍ୟେକ ସ୍ଥାନରେ ମସ୍‌ଜିଦ୍ ତିଆରି କରିବା ଅଟେ । ଯାହାଦ୍ୱାରା ସେଠାକାର ଅହେମଦୀ ଏକତ୍ରିତ ହୋଇ ଉପାସନାର କର୍ତବ୍ୟ ସମ୍ପାଦନ କରିପାରିବେ । ଜଣେ ଯୁବତୀ ଏତ୍‌କାଫ୍ ବସିଥିଲେ, ଯେତେବେଳେ ସେ ମସଜିଦ୍ ନିର୍ମାଣ କଥା ଜାଣିବାକୁ ପାଇଲେ ନିଜ ଗହଣା ଜମାଅତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅର୍ପଣ କରିଦେଲେ । ଯଦି ଓ ତାହା ବେଶ୍ ମୁଲ୍ୟବାନ୍ ଗହଣା ନଥିଲା କିନ୍ତୁ ତାହା ହିଁ ତାଙ୍କର ସମସ୍ତ ସଂଚୟ (ପୁଞ୍ଜୀ) ଥିଲା । ଯାହାକି ତାଙ୍କ ବାପ ମା ତାଙ୍କୁ ଉପହାର ଦେଇଥିଲେ । ଦାନ କରିଥିବା ଲୋକକୁ ସତର୍କ କରାଇଦେଇଥିଲେ କି ଏ କଥା ମୋ ବାପା ମା ଙ୍କୁ ଜଣାଇବେ ନାହିଁ କି ମୁଁ (ନିଜର) ସମସ୍ତ ଗହଣା ଚାନ୍ଦା ଦେଇଦେଇଛି ବୋଲି । ଜଣେ ଓକ୍‌ଫେ ନଓ ଯୁବତୀ ନିଜର ସମସ୍ତ ଗହଣା ଓ ଖର୍ଚ୍ଚ ପାଇଁ ମିଳୁଥିବା ଅର୍ଥ ଯାହାକି ସେ ସଂଚୟ କରିଥିଲେ । ଏକତ୍ର ଏକ ଲଫାଫାରେ ଭରି ନିଜ ପିତାଙ୍କ ତକିଆ ତଳେ ରଖିଦେଲେ ଏବଂ ସେଥିରେ ଏକ ପତ୍ରରେ ସେ ଲେଖିଥିଲେ କି ମୋ ନିକଟରେ ଏହା ବ୍ୟତୀତ ଆଉ କିଛି ନାହିଁ ଯାହାକି ମୁଁ ମସଜିଦ୍ (ନିର୍ମାଣ) ପାଇଁ ଅଲ୍ଲାଃଙ୍କୁ ଅର୍ପଣ କରିପାରିବି । ପୁଣି ନବ ବିବାହିତା ବଧୁମାନେ ଯାହାଙ୍କର ଗହଣା ପିନ୍ଧିବାର ସଉକ୍ ହିଁ ପୂରଣ ହୋଇନଥିଲା । ନିଜର ସମସ୍ତ ଗହଣା ଆଣି ମସଜିଦ୍ ପାଇଁ ପ୍ରଦାନ କରିଗଲେ । ଅନେକ ମହିଳାମାନଙ୍କ ସ୍ୱାମୀ ଯେ କି ଦାନ କରିବାର ପ୍ରତିଶୃତି କରିଥିଲେ ଏବଂ ତାହାର ପରିଶୋଧ ମଧ୍ୟ କରିଥିଲେ,ଏହାପରେ ମଧ୍ୟ ପତ୍ନୀମାନେ ନିଜ ଗହଣା ଓ ଜମା କରିଥିବା ଅର୍ଥ ମସଜିଦ୍ ନିର୍ମାଣ ପାଇଁ ଦାନ କରିଗଲେ । ଦୁଇ ଜଣ ମହିଳା ଯାହାଙ୍କ ନିକଟରେ ଦବା ପାଇଁ କିଛି ନଥିଲା କିନ୍ତୁ ସୌଭାଗ୍ୟ ବଶତଃ ପାକିସ୍ତାନରେ ତାଙ୍କ ପୈତୃକ ସମ୍ପତିରୁ ସେମାନଙ୍କ ଭାଗ ବାବଦରେ ଏକ ଘର ମିଳିଥିଲା । ସେମାନେ ତାହାକୁ ବିକ୍ରି କରି ଯାହା ଉପାର୍ଜନ କଲେ, ସେ ସମସ୍ତ ପ୍ରାପ୍ୟ ମସଜିଦ୍ ନିର୍ମାଣରେ ପ୍ରଦାନ କରିଦେଲେ । ଜଣେ ଖୁଦ୍ଦାମ ନିଜ ଏବଂ ନିଜ ପତ୍ନୀଙ୍କ ତରଫରୁ ଏକ ବଡ ରାଶୀ ଦାନ କରିବାର ପ୍ରତିଶୃତି କରିଥିଲେ । ଦୁର୍ଭାଗ୍ୟ ବଶତଃ ସେମାନଙ୍କ ମଧ୍ୟରେ ବିଚ୍ଛେଦ ହୋଇଗଲା । ଯୁବକ ଜଣକ କହିଲେ ଯଦିଓ ଉକ୍ତ ରାଶୀର କିଛି ଭାଗ ତାଙ୍କ ପତ୍ନୀ ଦେଇଥାନ୍ତେ କିନ୍ତୁ ଯେହେତୁ ମୁଁ ଦେବାର ନିଶ୍ଚିତ କରିଥିଲି ତେଣୁ ସେ ସମସ୍ତ ଅର୍ଥ ମୁଁ ହିଁ ପରିଶୋଧ କରିବି ଏବଂ ସେ ତାହା କରିଦେଲେ । କେତେକ ସ୍ଥାନରେ ଆମେ ଦେଖିଥାଉ କି ମହିଳାମାନଙ୍କ ମୂଳ ଅଧିକାର ମଧ୍ୟ ପ୍ରଦାନ କରିନଥାନ୍ତି ଏବଂ କଜାର ଆଦେଶ ଅବମାନନା କରି ଦଣ୍ଡିତ ହୋଇଥାନ୍ତି । କିନ୍ତୁ ଏପରି କେତେ ଅଛନ୍ତି ଯେ ଛାଡପତ୍ର ଦେଲାପରେ ମଧ୍ୟ ପତ୍ନୀଙ୍କ ପ୍ରତିଶୃତିକୁ ମଧ୍ୟ ପୁରଣ କରୁଛନ୍ତି । ପ୍ରକୃତରେ ଏପରି ଲୋକେ ହିଁ ମୋମିନ୍ ହୋଇଥାନ୍ତି । ମାଲମୋ ଜମାଅତର ଜଣେ ଖୁଦ୍ଦାମ ଏକ ଅସ୍ଥାୟୀ ଚାକିରୀ କରିଥିଲେ ଏବଂ ସେ ମସଜିଦ୍ ନିର୍ମାଣରେ କିଛି ଟଙ୍କା ଦେବା ପାଇଁ ପ୍ରତିଶୃତି ମଧ୍ୟ ଦେଇଥିଲେ । କିନ୍ତୁ ଯେତେବେଳେ ତାଙ୍କୁ ଉକ୍ତ ରାଶି ଠାରୁ ଅଧିକ ଦେବାକୁ କୁହାଗଲା ସେ ତାହାକୁ ଅର୍ଥାତ ୧୦୦୦୦ କ୍ରୋନରକୁ ବଢାଇ ଏକ ଲକ୍ଷ କରିଦେଲେ । ୨ୟ ଦିନ ସେ ୫୦୦୦୦ କ୍ରୋନର୍ ନେଇ ମସ୍‌ଜିଦ୍ ଆସିଲେ । ଯେତେବେଳେ ତାଙ୍କୁ ପଚରାଗଲା ଯେ ଏତେ ଟଙ୍କା ଆପଣ କିପରି ପାଇଲେ ଆପଣଙ୍କ ଅବସ୍ଥା ମଧ୍ୟ ଏପରି ନୁହେଁ ଏବଂ ଟଙ୍କା ଦେବାର ପ୍ରତିଶୃତି ମଧ୍ୟ କିଛି ଦିନ ପୂର୍ବରୁ କରିଥିଲେ ଓ ଦୁଇ ବର୍ଷ ଅବଧି ମଧ୍ୟରେ ପ୍ରଦାନ କରିବାକୁ କହିଥିଲେ । ସେ କହିଲେ ମୁଁ ନିଜର ଗାଡ଼ି ବିକ୍ରି କରିଦେଲି । ଅତଏବ ଗାଡ଼ି ଟଙ୍କା ବ୍ୟତୀତ ଘରେ କିଛି ଟଙ୍କା ଥିଲା, ସମୁଦାୟ ନେଇଆସିଅଛି । ଅଲ୍ଲାଃତାଲା ତାଙ୍କୁ ଏହାର ପ୍ରତିଫଳ ଏପରି ପ୍ରଦାନ କଲେ କି ତାଙ୍କର ଅସ୍ଥାୟୀ ଚାକିରୀ ସ୍ଥାୟୀ ହେବା ସହ ସେ ଏକ ଉତମ ଓ ସୁନ୍ଦର ଗାଡି କିଣି ନେଲେ । ଏପରି କୁରବାନୀ ଆମକୁ ପ୍ରତ୍ୟେକ ସ୍ଥାନରେ ଅହମଦୀମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ । ଅଲ୍ଲାଃତାଲାଙ୍କ କୃପାରୁ ବିଭିନ୍ନ ଦେଶ ତଥା ବିଭିନ୍ନ ସ୍ଥାନରେ ଅହେମଦୀ ରହିଛନ୍ତି, ଏଠାରେ ମଧ୍ୟ କିଛି ଅହେମଦୀ ଅଛନ୍ତି । ଏ ସବୁକିଛି ଉଦାହରଣ ଥିଲା, ଯାହାର ମୁଁ ଚର୍ଚ୍ଚା କଲି ।

ବର୍ତମାନ ମସଜିଦର ଅବସ୍ଥିତି ଓ ଏଥିରେ କେତେ ଲୋକ ନମାଜ ପାଠ କରିପାରିବେ ଅର୍ଥାତ ତହାର ଆକାର ସମ୍ପର୍କରେ କିଛି ସୂଚନା ଦେଉଛି । ଉକ୍ତ ମସଜିଦ୍ ନିର୍ମାଣର ଯୋଜନା ୧୯୯୯ ମସିହାରେ ଆରମ୍ଭ ହୋଇଥିଲା । ଏଥିପାଇଁ ଶ୍ରୀମାନ ଏହସାନୁଲ୍ଲାଃ ସାହେବ ୫୦୦ ମୁରବା ମିଟର୍ ବିଶିଷ୍ଟ ଏହି ଭୂଖଣ୍ଡ କିଣି ଜମାଅତକୁ ଦାନ କରିଦେଇଥିଲେ । ଏହା ଏକ ଉଚ୍ଚ ସ୍ଥାନରେ ଅବସ୍ଥିତ । ମୂଖ୍ୟ ରାଜରାସ୍ତା ଏହାର ଖୁବ୍ ନିକଟରେ ରହିଛି । ଯାହାକି ନରୱେ ଓ ସ୍ୱିଡେନ୍ ସହିତ ସଂଯୁକ୍ତ ହେବା ସହ ସମସ୍ତ ୟୁରୋପ ଦେଶଗୁଡିକ ସହିତ ମଧ୍ୟ ଏହି ରାସ୍ତା ସଂଯୁକ୍ତ । ଏଥି ସହିତ ନରୱେ ଓ ସ୍ୱିଡେନ୍‌ର ବଡ ବଡ ସହରମାନଙ୍କ ସହ ଏହା ସଂଯୁକ୍ତ । ତେଣୁ ଭାରି ଜନଗହଳି ପୂର୍ଣ ଏହି ରାଜରାସ୍ତା । ତେବେ ଦୂରରୁ ଏହି ସୁନ୍ଦର ମସଜିଦ୍‌ର ଅଟ୍ଟାଳିକା ସମସ୍ତଙ୍କ ଦୃଷ୍ଟି ଗୋଚର ହୋଇଥାଏ, ଯାହାକି ଏକେଶ୍ୱରବାଦର ବାର୍ତା ପ୍ରଦାନ କରୁଅଛି । ଅଲ୍ଲାଃ କରନ୍ତୁ କି ପ୍ରତ୍ୟେକ ଅହେମଦୀ ନିର୍ମାଣ କାର୍ଯ୍ୟରେ ସହଯୋଗ କଲାଭଳି ପ୍ରଚାର କାର୍ଯ୍ୟରେ ମଧ୍ୟ ସହାୟ ହୁଅନ୍ତୁ ଏବଂ ଏକେଶ୍ୱରବାଦର ପ୍ରତୀକ ଏହି ମସଜିଦ୍ ସର୍ବଦା ନିଜର ଲକ୍ଷ ଅର୍ଥାତ ଏକେଶ୍ୱରବାଦର ବିସ୍ତାର ପୂରଣ କରିବାରେ ସଫଳ ହେଉ ଏବଂ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଓ ଉଦ୍ଦେଶ୍ୟ ଯେଉଁଥି ପାଇଁ ଏହାର ନିର୍ମାଣ ଅର୍ଥାତ ଧାର୍ମିକ ଶିକ୍ଷା ପ୍ରଦାନ କରିବା, ସର୍ବଦା ପ୍ରକାଶିତ ହେଉଥାଉ ।

ଏହା ୨୩୫୩ ମୁରବା ମିଟରରେ ପରିବେଷ୍ଟିତ ପାଂଚ ଗୋଟି ଭବନ ଅଟେ । ସବୁଠାରୁ ବଡ ଭବନ ଅର୍ଥାତ ମସଜିଦ୍ ମେହମୁଦ ୧୪୯୪ ରକ୍‌ବା ବିଶିଷ୍ଟ । ସ୍ପୋର୍ଟ୍‌ସ ହଲ ୭୫୦ ମୁରବା ମିଟର୍ । ଏହା ବ୍ୟତୀତ ଆହୁରି ଭବନ ରହିଛି । ମସଜିଦ୍‌ରେ ତଳ, ଉପର ଭାବରେ ଦୁଇଟି ହଲ୍ ରହିଛି । ଗୋଟିଏ ପୁରୁଷମାନଙ୍କ (ନମାଜ ପାଠ)ପାଇଁ ଅନ୍ୟଟି ମହିଳା ମାନଙ୍କ ପାଇଁ । ଏଠାରେ କେତେକ ପ୍ରଶ୍ନକାରୀ ପ୍ରଶ୍ନ କରିଥାନ୍ତି କି ଆପଣମାନେ ମହିଳାମାନଙ୍କୁ ତ ଅସଲ ମସ୍‌ଜିଦ୍‌ଠାରୁ ଦୂରରେ ରଖୁଛନ୍ତି । ଏଠାରେ ଏପରି ଆପତିକାରୀଙ୍କ ଆପତି ଦୂର ହୋଇଥାଏ । କାରଣ ଏଠାରେ ଗୋଟିଏ ବ୍ଲକ୍‌ରେ ଦୁଇଗୋଟି ଏକାପରି ହଲ୍ (ନମାଜ ପାଠ) ନିମନ୍ତେ ରହିଛି ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ । ପ୍ରତ୍ୟେକ ହଲ୍‌ରେ ୫୦୦ ଜଣ ନମାଜ ପାଠ କରିପାରିବେ । ଏହିପରି କ୍ରୀଡ଼ା ହଲ୍‌ରେ ୭୦୦ ଲୋକ ନମାଜ ପାଠ କରିପାରିବେ । ଯେଉଁଥିରେ ଏକା ସମୟରେ ପ୍ରାୟ ୧୭୦୦ ଲୋକ ନମାଜ ପାଠ କରିପାରିବେ । ଆଜି ତ ବାହାରୁ ବହୁତ ଲୋକ ଏଠାକୁ ଆସିଛନ୍ତି । ତେଣୁ ମସ୍‌ଜିଦ୍ ଟି ଭରିଯାଇଛି । କିନ୍ତୁ ସାଧାରଣ ଅବସ୍ଥାରେ ନମାଜରେ ଉପସ୍ଥିତି ଅନୁସାରେ ଏହି ମସ୍‌ଜିଦ୍ ବେଶ୍ ବଡ଼ ଅଟେ । ଯଦି ଏହି ଦେଶର ପ୍ରତ୍ୟେକ ଅହେମଦୀ ଏକାଠି ହୋଇଯାନ୍ତି ତେବେ ମଧ୍ୟ ନମାଜ ପାଠ ନିମନ୍ତେ ଅଧା ଯାଗା ଖାଲି ରହିବ । ସୁତରାଂ ସ୍ଥାନୀୟ ଅହେମଦୀଙ୍କ କର୍ତବ୍ୟ ଯେ ସେମାନେ (ନମାଜରେ) ନିଜ ଉପସ୍ଥିତି ବୃଦ୍ଧି କରିବା ଉଚିତ୍ । ଆଜି ମସ୍‌ଜିଦ୍‌ର ଶୁଭାରମ୍ଭ ଓ ମୋର ଏଠାକୁ ଆଗମନ ହେତୁ ମସ୍‌ଜିଦ୍‌ଟି ଅହେମଦୀମାନଙ୍କ ଦ୍ୱାରା ପୁରିଗଲାପରି ଦିଶୁଅଛି । ଉପର, ତଳେ, ବାହାରେ ଓ ଭିତରେ ପ୍ରତ୍ୟେକ ସ୍ଥାନରେ ଲୋକେ

ବସିଛନ୍ତି । ଏଠାକାର ଲୋକମାନଙ୍କ ଇସ୍‌ଲାମ୍ ପ୍ରତି ଯେଉଁ ନକରାତ୍ମକ ଧାରଣା ରହିଛି ତାହା ଆପଣମାନେ ହିଁ ଦୂର କରିପାରିବେ ଏବଂ ସେମାନଙ୍କୁ ଏକଶ୍ୱରବାଦପ୍ରତି ଆକର୍ଷିତ କରନ୍ତୁ । ଏଠାକାର ଅଧିବାସୀ ଓ ପ୍ରଶାସନ ଏଠି (ରହିବା ପାଇଁ) ସ୍ଥାନ ଦେଇ ଆମ ଉପରେ ଯେଉଁ ଉପକାର କରିଛନ୍ତି ତାହାର ପ୍ରକୃତ ପ୍ରତିବଦଳ ସେମାନଙ୍କୁ ଅଲ୍ଲାଃଙ୍କ ନିକଟବର୍ତୀ କରିବା ଦ୍ୱାରା ସମ୍ପାଦନ ହେବ । ମସଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ସେତେବେଳେ ପୂରଣ ହୋଇଥାଏ ଯେତେବେଳେ ଅଧିକରୁ ଅଧିକ ନମାଜୀ ମସଜିଦ୍‌କୁ ଆବାଦ କରିବେ ଅର୍ଥାତ ମସଜିଦ୍‌ରେ ଆସି ନମାଜ ପାଠ କରିବେ । ତତ୍ ସହିତ ତବ୍‌ଲିଗ୍ କରି ଅଂଚଳର ଲୋକମାନଙ୍କୁ ଇସଲାମର ଶିକ୍ଷା ସହ ଅବଗତ କରାଇବେ ଏବଂ ହଜରତ ମସିହ ମଉଦ ଆ.ସ ମଧ୍ୟ ଏଥିପ୍ରତି ଆମମାନଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି ବର୍ତମାନ ଆମ ଜମାଅତ ପାଇଁ ମସଜିଦ୍‌ର ଘୋର ଆବଶ୍ୟକତା ରହିଛି । ଏହା ଅଲ୍ଲାଃଙ୍କ ଘର ଅଟେ । ତେଣୁ ଯେଉଁ ଗ୍ରାମ କିମ୍ବା ସହରରେ ଜମାଅତର ଏକ ମସଜିଦ୍ ତିଆରି ହୋଇଯାଏ ତେବେ ଏଥିରୁ ବୁଝିନେବା ଉଚିତ୍ ଯେ, ସେଠାରେ ଜମାଅତର ଉନ୍ନତିର ଶିଳାନ୍ୟାସ ହୋଇଗଲା । ଅତଏବ ଯଦି ତୁମେ କୌଣସି ଗ୍ରାମ କିମ୍ବା ସହରରେ ଇସଲାମର ବିକାଶ କାମନା କରୁଛ ତେବେ ସେଠାରେ ଏକ ମସଜିଦ୍ ତିଆରି କରିଦିଅ । ତାପରେ ଅଲ୍ଲାଃ ସ୍ୱୟଂ ମୁସଲମାନମାନଙ୍କୁ ଟାଣି ଆଣିବେ । ଅର୍ଥାତ ଅହେମଦୀମାନେ ଆସିବା ସହିତ ଅଣଅହେମଦୀମାନେ ମଧ୍ୟ ଆସିବେ କିନ୍ତୁ ଏଥିପାଇଁ ସର୍ତ ଏହିକି ଯେ ମସଜିଦ୍ ନିର୍ମାଣ ପାଇଁ ନିଷ୍ଠାପର ଭାବରେ ଦାନ କରିବା ଉଚିତ୍ । କୌଣସି ପ୍ରକାରର କାମନା କିମ୍ବା ଲୋକ ଦେଖାଣିଆ ଉଦ୍ଦେଶ୍ୟ ନରଖି କାର୍ଯ୍ୟ କଲେ ଅଲ୍ଲାଃଙ୍କ ବିଭୁତି ପ୍ରାପ୍ତ ହୋଇଥାଏ । ଏହା ପ୍ରତ୍ୟେକ ଅହେମଦୀ ମନେରଖିବା ଉଚିତ୍ । ତେଣୁ ପୂର୍ଣ୍ଣ ନିଷ୍ଠାପର ଭାବରେ ଦାନ କଲେ, ମସଜିଦ୍‌କୁ ଆବାଦ କଲେ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ ହୋଇଥାଏ । ଆପଣ କୁହନ୍ତି ଜମାତ୍‌ରେ ନିଜର ମସ୍‌ଜିଦ୍ ହେବା ଉଚିତ୍ । ଯେଉଁଠାରେ ଆମର ମୁରବୀ ରହି ନମାଜ ଉପଦେଶଦେବେ ଏବଂ ଜମାତର୍ ସମସ୍ତ ସଦସ୍ୟ ଏକାଠି ନମାଜ ପାଠ କରିବେ । ଦେଖ-ଜମାତ୍ ଓ ଏକତାରେ ବହୁତ ବର୍‌କତ୍ ରହିଛି । ଏହା ପ୍ରତ୍ୟେ ଯାଗାର (ଅହେମଦୀମାନଙ୍କୁ) ମନେ ରଖିବା ଉଚିତ୍ । ସେ ନର୍‌ୱେର ହୁଅନ୍ତୁ ଅବା ଡେନ୍‌ମାର୍କ୍‌ର ଅଥବା ପୃଥିବୀରେ ବସବାସ କରୁଥବା ଯେ କୌଣସି ସ୍ଥାନର ଅହେମଦୀ ହୁଅନ୍ତୁ ମସ୍‌ଜିଦ୍‌କୁ ଆବାଦ୍ କରିବା ପ୍ରକୃତରେ ଜମାତ୍‌ର ଏକତା ଅଟେ । ଆମକୁ ଏହି ଏକତାକୁ ବଜାୟ ରଖିବା ପାଇଁ ଚେଷ୍ଟା କରିବା ଉଚିତ୍ । ଆପଣ କୁହନ୍ତି ମନ୍ଦ ଚିନ୍ତା ଦ୍ୱାରା ବିଭ୍ରାଟ ସୃଷ୍ଟି ହୋଇଥାଏ । କିନ୍ତୁ ଏହି ସମୟ ଏକତା ଓ ସାର୍ବଭୌମତ୍ୟକୁ ସୁଦୃଢ଼ କରିବାର ଉଚିତ୍ ସମୟ । ସୁତରାଂ ଏକତା, ପ୍ରେମ, ଭଲପାଇବା ଓ ପ୍ରୋତ୍ସାହିତ ପ୍ରଦାନ କରି ଛୋଟ ଛୋଟ କଥାକୁ ଅଣଦେଖା କରିବା ଉଚିତ୍ । ଏପରି କଥା ଯେଉଁଥିରେ ଲଢ଼େଇ, ଝଗଡ଼ା ଓ ପରସ୍ପରକୁ ଆକ୍ଷେପ କରିବା ଇତ୍ୟାଦି ବନ୍ଦ୍ କରିବା ଉଚିତ୍ । ଆପଣ କହନ୍ତି ଏହିପରି ବିଭ୍ରାଟ ସୃଷ୍ଟିକାରୀ ଛୋଟ ଛୋଟ ବିଷୟକୁ ଅଣଦେଖା କରିଦେବା ଉଚିତ୍ ।

**(ମଲ୍‌ଫୁଜାତ୍ ଭାଗ-୭, ପୃଷ୍ଠା-୧୧୯-୧୨୦)**

ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ହାତରେ ବୟତ୍ କରିବାରେ ଆମର ଉଦ୍ଦେଶ୍ୟ ମୁସଲ୍‌ମାନମାନେ ଯେଉଁମାନେ କି ଇସ୍‌ଲାମୀୟ ଶିକ୍ଷାକୁ ଭୁଲି ବସିଛନ୍ତି ଏବଂ ବିଭିନ୍ନ ରିତୀ ନିତୀରେ ନିଜକୁ ଆବଦ୍ଧ କରି ବସିଛନ୍ତି ଓ ଗୋଷ୍ଠୀ ଗୋଷ୍ଠୀ ହୋଇ ଓ ବିଭାଗରେ ପଡ଼ି ଇସ୍‌ଲାମ୍‌ର ସମ୍ମାନ କରିବା ତ ଦୂରର କଥା ମଣିଷ ପଣିଆକୁ ଭୁଲି ବସିଛନ୍ତି । ତେଣୁ ଏ ସବୁଠାରୁ ମୁକ୍ତ ହୋଇ ଆମକୁ ଅଲ୍ଲାଃତାଲାଙ୍କ ସାନିଧ୍ୟ ଲାଭ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଅନ୍ୟମାନଙ୍କଠାରୁ ଆମକୁ ଶିକ୍ଷା ହାସଲ କରିବା ସହିତ ଏକତାକୁ ସୁଦୃଢ଼ କରିବା ଉଚିତ୍ ।

ପାରସ୍ପରିକ ଏକତା ଓ ନିରବଚ୍ଛିନ୍ନତାକୁ ସୁଦୃଢ କରିବା ପାଇଁ ଚେଷ୍ଟା କରିବା ସହ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା ଉଚିତ୍ । ଏହି ପରିପ୍ରେକ୍ଷୀରେ ହଜରତ ମସିହ ମଉଦ ଆ.ସ ଆମ୍ଭକୁ ଯେଉଁ ଉପଦେଶ ଦେଇଛନ୍ତି ତାହା ଏଠାରେ ଉପସ୍ଥାପନ କରୁଅଛି । ଆପଣ କୁହନ୍ତି ନମାଜ ପାଠ ଦ୍ୱାରା ଏକତା ସୃଷ୍ଟି ହୋଇଥାଏ । ପୁଣି ଏହି ଏକତାକୁ କାର୍ଯ୍ୟରେ ଦେଖାଇବା ପାଇଁ ନିର୍ଦ୍ଦେଶ ଦେଲେ କି ପରସ୍ପର ସହ ମିଳିତ ଭାବରେ ଗୋଟିଏ ଧାଡିରେ ଏପରି ଛିଡା ହୁଅ ଯେମିତିକି ତୁମର ଗୋଇଠି ଏକ ସରଳରେଖାରେ ଅବସ୍ଥିତ ଥିବ ଏବଂ କାନ୍ଧକୁ କାନ୍ଧ ଲାଗି ରହିଥିବ । ଏହାର ଉଦ୍ଦେଶ୍ୟ ତୁମେ ସମସ୍ତେ ଏକ ଶରୀର ସଦୃଶ ହୋଇଯାଅ । ଗୋଟିଏ ଧାଡିରେ ମିଳିତ ଭାବରେ ଛିଡାହେବା ଦ୍ୱାରା ଜଣକର ପ୍ରକାଶ ଅନ୍ୟ ମଧ୍ୟରେ ପ୍ରବେଶ କରିଥାଏ । ଦେଖ କାହାର ଆଧ୍ୟାତ୍ମିକ ଶକ୍ତି କମ୍ ଥାଏ ତ କାହାର ଅଧିକ । ତେବେ ହଜୁର ଆ.ସ କୁହନ୍ତି ଦୁର୍ବଳ ସବଳ ଠାରୁ ଶକ୍ତି ଗ୍ରହଣ କରି ସବଳ ହେଉ ଏବଂ ସ୍ୱାର୍ଥ ହାସଲ କରିବା ଭାବନା ଦୂରେଇଯାଉ । ହଜୁର ଆ.ସ ଆହୁରି କୁହନ୍ତି କି ଭଲ ଭାବରେ ମନେରଖ ମଣିଷ ମଧ୍ୟରେ ଏହି ଶକ୍ତି ରହିଛି କି ସେ ଅନ୍ୟଠାରୁ ଶକ୍ତି ଗ୍ରହଣ କରିଥାଏ । ପୁଣି ଏହି ଏକତାକୁ ସୁଦୃଢ କରିବା ପାଇଁ ପ୍ରତିଦିନ ସାହିର ମସଜିଦରେ, ସପ୍ତାହରେ ଥରେ ସହରର ମସଜିଦରେ ଏବଂ ବାର୍ଷିକ ଇଦ୍‌ଗାଃରେ ନମାଜ ପାଠ ନିମନ୍ତେ ଅଂଚଳର ମୁସଲମାନମାନେ ଏକାଠି ହୋଇଥାନ୍ତି । ପୁଣି ସମଗ୍ର ସଂସାରର ମୁସଲମାନମାନେ ଥରେ ବୟତୁଲ୍ଲାଃ (ମକ୍କା)ରେ ଏକତ୍ର ହେବାର ନିର୍ଦ୍ଦେଶ ରହିଛି । ଏପରି କହିବାରେ ଉଦ୍ଦେଶ୍ୟ ଏକତାର ପ୍ରତିଷ୍ଠା ଏବଂ ତାହାକୁ ସୁଦୃଢ କରିବା ଅଟେ । ତେବେ ନମାଜ ଠାରୁ ଆରମ୍ଭ କରି ହଜ୍ ପର୍ଯ୍ୟନ୍ତ ସବୁକିଛି ଉପାସନା ଅଟେ ଏବଂ ଏଥିରେ ଉଦ୍ଦେଶ୍ୟ ମୁସଲମାନମାନେ ଏକ ମନ ହୋଇ ରୁହନ୍ତୁ । କିନ୍ତୁ ଦୁଃଖର ବିଷୟ ଯେ ଆଜି ସବୁଠାରୁ ଅଧିକ ମତଭେଦ ଏବଂ ବିଭ୍ରାଟ ମୁସଲମାନମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଅଛି । ସୁତରାଂ ଆମକୁ ସଂସାରବାସୀଙ୍କ ପାଇଁ ଇସଲାମର ପ୍ରକୃତ ଓ ସୁନ୍ଦର ଶିକ୍ଷାର ନମୁନା ପ୍ରଦର୍ଶନ କରିବାକୁ ହେବ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମସଜିଦର ପ୍ରକୃତ ସୌନ୍ଦର୍ଯ୍ୟ ମନମୁଗ୍ଧକାରୀ ଅଟ୍ଟାଳିକାରେ ନଥାଏ ବରଂ ତାହା ନମାଜ ପାଠକାରୀଙ୍କ ସହ ଅଟେ ଯିଏ ନିଷ୍ଠାର ସହ ନମାଜ ପାଠ କରିଥାନ୍ତି । ନଚେତ୍ ଏସବୁ ମସ୍‌ଜିଦ୍ ନିର୍ଜନ ରହିଯିବ । ବର୍ତମାନ ମୁସଲ୍‌ମାନ୍‌ମାନଙ୍କ ମସ୍‌ଜିଦ୍ ଗୁଡିକର ଅବସ୍ଥା ଦେଖି ଆପଣ ଏପରି କହିଲେ । ଆପଣ ଆହୁରି କୁହନ୍ତି ଦେଖ ହଜରତ ମୁହମ୍ମଦ ସ.ଆ ଙ୍କ ମସଜିଦ୍ ଖଜୁରୀ ପତ୍ରରେ ତିଆରି ଏକ ଛୋଟ କୋଠରୀ ଥିଲା । ପୁଣି ବର୍ଷା ହେଲେ ଛାତରୁ ପାଣି ପଡୁଥିଲା କିନ୍ତୁ ସେଥିରେ ଯେଉଁ ସୌନ୍ଦର୍ଯ୍ୟ ବିମଣ୍ଡିତ ଥିଲା ତାହା ସେହି ନମାଜୀଙ୍କ ଦ୍ୱାରା ଯେଉଁମାନେ ନିଷ୍ଠାର ସହ ନମାଜ ପାଠ କରୁଥିଲେ ଥିଲା । ହଜ୍‌ରତ୍ ମୁହମ୍ମଦ୍ ସ:ଆ ଙ୍କ ସମୟରେ ମଧ୍ୟ କିଛି ସଂସାର ପ୍ରେମୀ ଗୋଟିଏ ମସ୍‌ଜିଦ୍ ତିଆର କରିଥିଲେ, ଯାହାକୁ ଅଲ୍ଲାଃତାଲାଙ୍କ ଆଦେଶ କ୍ରମେ ଭାଙ୍ଗି ଦିଆଗଲା ତାର ନାମ ମସ୍‌ଜିଦ୍ ଜରାର୍ ଥିଲା ଅଥାତ୍ କଷ୍ଟ ପ୍ରଦାନକାରୀ । ଅତଏବ ମସ୍‌ଜିଦ୍ ନିର୍ମାଣ ପୁର୍ବରୁ ଆଦେଶ ରହିଛି ଯେ ଇଶ୍ୱର ଭୟ ରହିବା ଅନିର୍ବାଯ୍ୟ । (ମଲ୍‌ଫୁଜାତ୍ ଭାଗ-୮, ପୃଷ୍ଠା-୧୭୦)

ଏହି ମସ୍‌ଜିଦ୍ ନିର୍ମାଣ କରିବାର ଉତ୍ସାହ ଜମାତ୍‌ର ଆବାଳ ବୃଦ୍ଧବନିତାଙ୍କ ମଧ୍ୟରେ ଦୃଶ୍ୟମାନ ହେଉଅଛି । ବିଶେଷ କରି ପିଲାମାନଙ୍କ ନିଃସ୍ୱାର୍ଥପର, ନିଛନ୍ଦ, କୁର୍ବାନୀ, ଯାହାକି ସମସ୍ତ ପ୍ରକାର କାମନା, ଲୋଭ ଆଦିରୁ ପବିତ୍ର ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପ୍ରାର୍ଥନାର ଅଧିକାରୀ ହେବା ଓ ଶିକ୍ଷା ଆମକୁ ଧର୍ମକୁ ପ୍ରାଥମିକତା ଦେବା ପାଇଁ ପ୍ରୋତ୍ସାହିତ କରୁଅଛି । ଆମର ମସ୍‌ଜିଦ୍ ତିଆରି କରିବାର ଉଦ୍ଦେଶ୍ୟ ସଂସାର ଲାଭ, କି କାହାର ପ୍ରଶଂସା ହାସଲ କରିବା ତ ଆଦୌ ନାହିଁ । କେବଳ ଅଲ୍ଲାଃଙ୍କ ଉପାସନା ନିମନ୍ତେ ନିର୍ମିତ ଅଟେ ।

ତେଣୁ ମସଜିଦ୍ ନିର୍ମାଣରେ ଈଶ୍ୱର ଭୟ ରହିବା ଅପରିହାର୍ଯ୍ୟ । ସୁତରାଂ ଆମକୁ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ ଉଦ୍ଦେଶ୍ୟରେ ଗୋଟିଏ କାର୍ଯ୍ୟ ସମ୍ପାଦନ କଲା ପରେ ଜୀବନର ମୂଳ ଲକ୍ଷକୁ ଭୂଲିଯିବା ପରିବର୍ତେ ତାହାକୁ ମନେରଖିବା ଉଚିତ୍ । ମନରେ ଏପରି ଭାବନା ଉତ୍ପନ୍ନ ନହୁଏ କି ଆମେ ଏକ ସୁନ୍ଦର ମସଜିଦ୍ ତିଆରି କରିବା ପରେ ଆମେ (କର୍ତବ୍ୟରୁ)ମୁକ୍ତ ହୋଇଗଲେ । ମନେରଖ ମସଜିଦ୍ ତିଆରି ହେବା ପରେ ଅସଲ କର୍ତବ୍ୟ ଆରମ୍ଭ ହୋଇଥାଏ । ଏଠିକାର ଅଧିବାସୀଙ୍କ ସହିତ ପ୍ରତ୍ୟେକ ଅହେମଦୀମାନଙ୍କୁ ମନେ ରଖିବା ଉଚିତ୍ ଯେ "ୱମା ଖଲକ୍‌ତୁଲ୍ ଜିନ୍ନା ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍" (ଜାରିୟାତ୍-୫୭) ଅର୍ଥାତ୍ ଆମ୍ଭେ ଜିନ୍ ଓ ମନୁଷ୍ୟକୁ ନିଜ ଉପାସନା ନିମନ୍ତେ ସୃଷ୍ଟି କରିଅଛୁ । ତେଣୁ ଉପାସନା କରିବାର କର୍ତବ୍ୟ ଏବଂ ଏଥିପାଇଁ ଆମକୁ ଅଧିକରୁ ଅଧିକ ମସଜିଦ୍‌କୁ ଆସିବାକୁ ହେବ । ଯେପରିକି ପୂର୍ବରୁ ହଦିସ୍‌ର ଚର୍ଚ୍ଚା କରି ଆସିଥିଲି ପୁଣି ଅଲ୍ଲାଃଙ୍କର ନିଜ ଭକ୍ତମାନଙ୍କ ପ୍ରତି ପ୍ରେମ ଓ ସ୍ନେହ ଏବଂ ପୁରସ୍କାର ପ୍ରଦାନ କରିବା ଶୈଳୀ ଦେଖ କି ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ ଙ୍କ ମାଧ୍ୟମରେ ଆମକୁ ଶିକ୍ଷାଦେଲେ ଯେ, ମସ୍‌ଜିଦ୍‌ରେ ଜମାତ୍‌ର ସହିତ ନମାଜ ପାଠ କଲେ ୨୭ ଗୁଣା ଅଧିକ ପୁଣ୍ୟ ମିଳିବ । **(ବୁଖାରୀ, କିତାବୁଲ୍ ସଲାତ୍, ହଦିସ୍ ନଂ-୬୪୫)**

ଆଉ ଏକ ହଦିସ୍‌ରେ ହଜ୍‌ରତ୍ ମୁହ୍‌ମ୍ମଦ୍ ସ:ଆ କହିଛନ୍ତି ମଣିଷର ଏକୁଟିଆ ନମାଜ ପାଠ କରିବା ଅପେକ୍ଷା ଜମାତ୍ ସହିତ ପାଠ କରିବାରେ ୨୫ ଗୁଣା ପୁଣ୍ୟ ମିଳିଥାଏ । (କେତେକ ସ୍ଥାନରେ ୨୭ ଗୁଣାର ବର୍ଣ୍ଣନା ମଧ୍ୟ ରହିଛି) ଏହା ଏଥିପାଇଁ ଯେ ଯେତେବେଳେ ସେ ୱଜୁ କରେ ଓ ବେଶ୍ ଭଲଭାବରେ ୱଜୁ କରି ମସ୍‌ଜିଦ୍‌କୁ ନମାଜ ପାଠ ନିମନ୍ତେ ଆସେ ସେତେବେଳେ ତାର ପ୍ରତ୍ୟେକ ପାହୁଣ୍ଡରେ ଗୋଟିଏ ଗୋଟିଏ ସ୍ତର ବୃଦ୍ଧି ହୋଇ ଚାଲିଥାଏ । ତତ୍ ସହିତ ଗୋଟିଏ ଗୋଟିଏ ପାପ ଖଣ୍ଡନ ହୋଇ ଚାଲିଥାଏ ଏବଂ ସେ ଯେପର୍ଯ୍ୟନ୍ତ ନମାଜ ପଢ଼ିବା ସ୍ଥାନରେ ନମାଜ ପଢ଼ିବା ପାଇଁ ଅପେକ୍ଷା କରିଥିବ ସେ ପର୍ଯ୍ୟନ୍ତ ଦେବଦୂତମାନେ ତା ପାଇଁ କ୍ଷମା ପ୍ରାର୍ଥନା କରିଚାଲିଥିବେ । ପୁନଶ୍ଚ ଆପଣ କହିଲେ ତୁମମାନଙ୍କ ମଧ୍ୟରୁ ଯିଏ ନମାଜ୍‌ର ପ୍ରତିକ୍ଷାରେ ବସିଥାଏ ତାକୁ ଜାଣ ଯେ ସେ ନମାଜ ପଢ଼ିବାର ଅବସ୍ଥାରେ ହିଁ ଅଛି । (ବୁଖାରୀ, କିତାବୁଲ୍ ସଲାତ୍, ହଦିସ୍ ନଂ-୬୪୭) ଏପରି ଭାବ ନାହିଁ ଯେ (ନମାଜ) ପ୍ରତିକ୍ଷାର ଫଳ ଅଲ୍ଲାଃତାଲା ପ୍ରଦାନ କରିବେ ନାହିଁ ବୋଲି । ମନେରଖ ମସ୍‌ଜିଦ୍‌ରେ ଆସି ନମାଜ ନିମନ୍ତେ ପ୍ରତିକ୍ଷା କରିବାର ସୁଫଳ ମିଳିବାଟା ନିଶ୍ଚିତ ଅଟେ ।

ହଜରତ ମୁହମ୍ମଦ ସ.ଆ କୁହନ୍ତି ଯେ ସକାଳେ ଓ ସନ୍ଧ୍ୟାରେ ମସଜିଦ୍‌କୁ ଆସେ ଅଲ୍ଲାଃତାଲା ତା ପାଇଁ ଜନ୍ନତରେ ଅତୀଥି ସତ୍କାରର ବ୍ୟବସ୍ଥା କରିଥାନ୍ତି । ଅତଏବ ମସଜିଦ୍‌କୁ ଆସୁଥିବା ଲୋକ ଅଲ୍ଲାଃଙ୍କର ଅତିଥି ଅଟେ । ଏହି ମସଜିଦ୍ ନିର୍ମାଣର କୃତଜ୍ଞତା ଆମେ ପରସ୍ପର ସହ ପ୍ରେମ ଓ ଭଲପାଇବା ଦ୍ୱାରା ସମ୍ପନ୍ନ କରିବା । ତେଣୁ ଏଠାକାର ଏବଂ ସଂସାରର ଯେକୌଣସି ସ୍ଥାନରେ ବସବାସ କରୁଥିବା ଅହେମଦୀ ଏପରି ଆଚରଣ କରିବା ଉଚିତ୍ । ଏହି ମସଜିଦ୍ ନିର୍ମାଣ କରିବା ପରେ ଆପଣମାନେ ପୂର୍ବ ଅପେକ୍ଷା ଆହୁରୀ ଅଧିକ ଇସଲାମର ଶିକ୍ଷା ମୁତାବକ ଅମଳ

କରିବାର ନମୁନା ଦେଖାଇ ସଂସାରବାସୀଙ୍କୁ ଅବଗତ କରିବାକୁ ହେବ । ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ମସ୍‌ଜିଦ୍ ପ୍ରକୃତରେ ମୁସଲ୍‌ମାନ ହେବାର ମାଧ୍ୟମ ହୋଇଥାଏ । ଯଦି ଆମର ଅମଳ ଇସ୍‌ଲାମୀୟ ଶିକ୍ଷା ମୁତାବକ ନୁହେଁ, ଯଦି ଆମେ ଇସ୍‌ଲାମ୍‌ର ପ୍ରଚାର କରୁନାହୁଁ ତେବେ ନିଃସନ୍ଦେହ ଉକ୍ତ ମସ୍‌ଜିଦ୍‌ଟି ଜାତୀୟ ରାଜପଥରେ ନିର୍ମିତ ହୋଇଥିବାର ଲୋକେ ଦେଖିବେ ଓ ତାହାର ଉଜ୍ଜଳ ଗମ୍ବୁଜ ଲୋକମାନଙ୍କୁ ଆକର୍ଷିକ କରିବ କିନ୍ତୁ ଏହାଦ୍ୱାରା କେବଳ ବାହ୍ୟ ସୌନ୍ଦର୍ଯ୍ୟର ପ୍ରଦର୍ଶନ ହେବ । ମସ୍‌ଜିଦ୍‌ର ପ୍ରକୃତ ସୌନ୍ଦର୍ଯ୍ୟ ସେତେବେଳେ ଦୃଷ୍ଟି ଗୋଚର ହେବ, ଯେତେବେଳେ ମସ୍‌ଜିଦ୍‌ରେ ପ୍ରାର୍ଥନା କରିବା ଯୋଗୁଁ ଅହେମଦୀମାନଙ୍କ ମୁଖ ମଣ୍ଡଳରେ ଆଧ୍ୟାତ୍ମିକତା ପ୍ରକାଶିତ ହେବ । ସେ ଯାହାହେଉ ଯିଏ କ୍ଷଣିକ ଉତେଜନାରେ କୁର୍ବାନୀ କରିଛନ୍ତି ସେମାନେ ମଧ୍ୟ ପ୍ରଶଂସାର ପାତ୍ର ଏବଂ କେତେକ ଅନେକ ବର୍ଷ ହେଲା କୁର୍ବାନୀ କରିଚାଲିଛନ୍ତି, ସେମାନଙ୍କ ମଧ୍ୟରେ ପିଲା ଓ ଯୁବପିଢ଼ୀ ମଧ୍ୟ ସାମିଲ୍ ଅଛନ୍ତି । କିନ୍ତୁ କ୍ରମାଗତ ଭାବରେ ପର୍ଯ୍ୟାୟ ବର୍ତମାନଠାରୁ ଆରମ୍ଭ ହେଲା । ବର୍ତମାନ ଏଥିରୁ ପ୍ରକାଶ୍ୟ କିରଣକୁ ଆଧ୍ୟାତ୍ମିକତାରେ ରୂପାନ୍ତରିତ କରିଦିଅ । ଏହା ବହୁତ ବଡ଼ ଲକ୍ଷ୍ୟ ଅଟେ । ଯାହା ଆମକୁ ସମ୍ପାଦନ କରିବାକୁ ପଡ଼ିବ ଓ ଏଠାକାର ସ୍ଥାନୀୟ ବାସିନ୍ଦାମାନେ ସମ୍ପାଦନ କରିବାର ଅଛି । ଏଥିପାଇଁ ଆପଣମାନଙ୍କୁ କ୍ରମାଗତ ଭାବରେ ପ୍ରୟାସ କରିବାକୁ ହେବ । ସୁତରାଂ ପ୍ରତ୍ୟେକ ଅହେମଦୀ ଏଥିପାଇଁ ପ୍ରତିଜ୍ଞା କରିବା ଆବଶ୍ୟକ । ପ୍ରାରମ୍ଭରେ ମୁଁ ସୁରେ ତୌବାର ଯେଉଁ ପଙ୍‌କ୍ତି ପାଠ କଲି ସେଥିରେ ଅଲ୍ଲାଃ କହନ୍ତି ଅଲ୍ଲାଃଙ୍କ ମସ୍‌ଜିଦ୍‌କୁ ସେ ଆବାଦ୍ କରିଥାଏ ଯେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ ରଖେ ଓ ଜକାତ୍ (ଅର୍ଥବ୍ୟୟ) କରିଥାଏ । ଅଲ୍ଲାଃଙ୍କ ବ୍ୟତୀତ କାହାରିକୁ ଭୟ କରି ନଥାଏ । ସୁତରାଂ ଏପରି ମାନ୍ୟଗଣ୍ୟ ବ୍ୟକ୍ତିମାନେ ହିଁ ସତ୍‌ପଥଗାମୀ ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ।

ସୁତରାଂ ମସଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ଅଲ୍ଲାଃଙ୍କ ଉପରେ ଆସ୍ଥା ଅଟେ ଏବଂ ଏହି ଆସ୍ଥା ଓ ବିଶ୍ୱାସ ସେତେବେଳେ ସମ୍ପୂର୍ଣ ହୋଇଥାଏ ଯେତେବେଳେ ଜଣେ ସମସ୍ତ ପ୍ରକାରର ଶିରକ୍‌ରୁ ନିବୃତ ରହିବା ସହ ସବୁକିଛି ଅଲ୍ଲାଃଙ୍କ ପ୍ରଦତ ମନେକରିଥାଏ । ପୁଣି ଅନ୍ତିମ ଦିବସ ଉପରେ ବିଶ୍ୱାସ ରଖିବା, ଯଦି ଜଣେ କେବଳ ଏହି ବିଷୟରେ ଗଭୀର ଅଦ୍ଧ୍ୟାନ କରେ ତେବେ ଜାଣିପାରିବ ଯେ ପରକାଳ ସଂସାର ଅପେକ୍ଷା ଶ୍ରେୟସ୍କର ତେବେ ସାଂସାରିକ କାମନା ପୂରଣ ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ପରିବର୍ତେ ସେ ପରକାଳରେ ମିଳିବାର ଥିବା ପୁରସ୍କାର ହାସଲ କରିବାରେ ଲାଗିପଡେ ।

ଅଲ୍ଲାଃତାଲା ଏକ ସ୍ଥାନରେ କୁହନ୍ତି- **ୱଲ ଦାରୁଲ୍ ଆଖିରତି ଖଏରୁଲ୍ ଲିଲ୍ ଲଜିନତ୍ ତକା** (ୟୁସୁଫ-୧୦୯) ଅର୍ଥାତ ଧର୍ମଭୀରୁଙ୍କ ପାଇଁ ପରକାଳର ବାସସ୍ଥାନ ନିଶ୍ଚିତ ରୂପେ ଉତ୍କୃଷ୍ଟତର । ଦେଖ ଜଣେ ମସଜିଦ୍ ନିର୍ମାଣ କରି ମୋମିନ ହୋଇଥାଏ । କିନ୍ତୁ ତାହାକୁ ଆବାଦ୍ କରିବା ପାଇଁ ଈଶ୍ୱର ଭୟ ରହିବା ଆବଶ୍ୟକ । ସୁତରାଂ ଜଣେ ଧର୍ମଭୀରୁ ହିଁ ମସଜିଦ୍ ନିର୍ମାଣ କରିବାର କର୍ତବ୍ୟ ସମ୍ପନ୍ନ କରିଥାଏ । ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଧର୍ମଭୀରୁ ନିମନ୍ତେ ଆବଶ୍ୟକ କି ମୋଟା ମୋଟି କଥା ଯେପରିକି ବ୍ୟଭିଚାର, ଚୋରୀ, ଅତ୍ୟାଚାର, ଆତ୍ମସାତ ଆଦି ସମସ୍ତ ପ୍ରକାରର ମନ୍ଦ ପ୍ରବୃତିରୁ ଦୂରରେ ରହି ଉତମ ଚରିତ୍ର ଗଠନରେ ଉନ୍ନତି କରିବା ଉଚିତ୍ । ଲୋକମାନଙ୍କ ସହ ନମ୍ର ଓ ଉତମ ଆଚରଣ କରିବା ହିଁ ଉତମ ଚରିତ୍ର ଓ ଧର୍ମଭୀରୁତା ଅଟେ । ବଡ, ଛୋଟ, ମୁସଲମାନ, ଅଣମୁସଲମାନ, ଆପଣା, ପର ଆଦି ପାର୍ଥକ୍ୟକୁ ଭୂଲି ସମସ୍ତଙ୍କୁ ପ୍ରେମ ଓ ଭଲପାଇବା ଉଚିତ୍ । ଅଲ୍ଲାଃଙ୍କ ବିଶ୍ୱସ୍ଥ ଓ ସଚୋଟତାର ପରିଚୟ ଦେବା ଉଚିତ୍ । ଏପରି କର୍ମ କରିବା ଉଚିତ୍ ଯଦ୍ୱାରା ଅଲ୍ଲାଙ୍କ କୃପା ଦୃଷ୍ଟି ତା ଉପରେ ପଡିବ । କାରଣ ଏତତ୍ ଦ୍ୱାରା ସେ ଧର୍ମଭୀରୁ ବୋଲାଏ । ଏପରି ନୁହେଁକି ଗୋଟିଏ ପୁଣ୍ୟ କର୍ମ କରିଦେଲି, ଚନ୍ଦା ଦେଇଦେଲି, ନମାଜ ପଢ଼ିନେଲି ଏଥିରେ ସବୁକିଛି ସମ୍ପାଦନ ହୋଇଗଲା । ନୁହେଁ, ବରଂ ଏସବୁ କିଛି କରିବା ପରେ ଲୋକଙ୍କ ସେବା କରିବା ଓ ସେମାନଙ୍କ ସହ ସହାନୁଭୁତି ପ୍ରଦର୍ଶନ କରିବା, ଉତମ ବ୍ୟବହାର ଓ ଭଲ କଥା କହିବା ଆଦି ଜଣେ ଆତ୍ମିକ ବ୍ୟକ୍ତିର ଧର୍ମ ଅଟେ । ଆପଣ କୁହନ୍ତି ଯେ ପର୍ଯ୍ୟନ୍ତ ଉତମ ଚରିତ୍ର ଗଠନ ନ କରିଛ ତୁମେ ଆତ୍ମିକ (ତକ୍‌ୱା) ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । (ମଲ୍‌ଫୁଜାତ୍ ଭାଗ-୪, ପୃଷ୍ଠା-୪୦୦) ସୁତରାଂ ଯେପରିକି ମୁଁ କହିଲି ଆମର କର୍ତବ୍ୟ ଦିନକୁ ଦିନ ବଢି ଚାଲିଛି । ଏହି ମସଜିଦର କର୍ତବ୍ୟ ସମ୍ପନ୍ନ କରିବା ନିମନ୍ତେ ଆମକୁ ନିଜ ଭିତରେ ଏକ ବଡ ଧରଣର ପରିବର୍ତନ ଆଣିବାକୁ ହେବ । ପୁଣି ପାଂଚ ବେଳା ବାଜମାଅତ ନମାଜ ପାଠ ପ୍ରତି ହଜୁର ଆ:ସ ଆମ ଧ୍ୟାନ ଆକର୍ଷିତ କରିଛନ୍ତି । ଅତଏବ ମସଜିଦର ସୌନ୍ଦର୍ଯ୍ୟ ନମାଜୀଙ୍କ ଦ୍ୱାରା ନମାଜ ପାଠରେ ରହିଛି । ଯେ ନିଷ୍ଠାର ସହ ଅଲ୍ଲାଃଙ୍କ ଉପାସନା କରିଥାନ୍ତି କିମ୍ବା କରିବାକୁ ଚେଷ୍ଟା କରନ୍ତି । ତାପରେ ଜକାତ୍ ଦେବାର ନିର୍ଦ୍ଦେଶ ଦେଇଛନ୍ତି ଯଦ୍ୱାରା ଗରିବ ଶ୍ରେଣୀର ଲୋକମାନଙ୍କ ଆବଶ୍ୟକତା ପୂରଣ କରାଯାଇଥାଏ । ଜଣେ ସଚ୍ଚୋଟ ମୋମିନ୍ ଯେ ଅଲ୍ଲାଃ ଓ ଅନ୍ତିମ ଦିବସରେ ବିଶ୍ୱାସ ରଖିଥାଏ ଓ ନମାଜ ପାଠ କରିବା ସହିତ ଉପାସନା ପ୍ରତି ଧ୍ୟାନ ଦେଇଥାଏ, ପୁଣି ନିଜ ଅର୍ଥକୁ ପବିତ୍ର କରିବା ନିମନ୍ତେ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିବା ସହିତ ନିଜ କର୍ତବ୍ୟ ସମ୍ପନ୍ନ କରିବାରେ ଖର୍ଚ୍ଚ କରିଥାଏ । ଆଜି ସମଗ୍ର ସଂସାରରେ ଅହେମଦୀଙ୍କୁ ବାଦ୍ ଦେଲେ ଅନ୍ୟ କାହାରିକୁ ଧର୍ମ ମାର୍ଗରେ ଅର୍ଥବ୍ୟୟ କରିବାର ମହତ୍ୱ ଜଣାନାହିଁ ।

ଅଲ୍ଲାଃତାଲା ଆମକୁ ପବିତ୍ର କୋରାନରେ ଅନେକ ସ୍ଥାନରେ ଜକାତ ଅର୍ଥାତ ଧର୍ମମାର୍ଗରେ ଅର୍ଥ ବ୍ୟୟ କରିବାକୁ  ନିର୍ଦ୍ଦେର୍ଶ ଦେଇଛନ୍ତି । ପୁଣି ଜକାତ ସହ ଖିଲାଫତର ଗଭୀର ସମ୍ପର୍କ ରହିଛି । କେତେକ ଲୋକ ଆପତି କରିଥାନ୍ତି କି ଜମାତ୍‌ର ଲୋକମାନେ ଜକାତ୍ ପ୍ରତି ଧ୍ୟାନ ଦେଉନାହାଁନ୍ତି । ଯଦିଚ ଏହା ଇସ୍‌ଲାମ୍‌ର ମୂଳ ଦେଶ ଅଟେ କିନ୍ତୁ ଚନ୍ଦା ପ୍ରତି ଅଧିକ ଧ୍ୟାନ ଦେଇଥାନ୍ତି । ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା ଅଟେ । ଯେଉଁ ବ୍ୟକ୍ତି ଜକାତ୍ ଦେବାପାଇଁ ଯୋଗ୍ୟ ତାଙ୍କୁ ଜମାତ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତର'ରୁ ବାରମ୍ବାର ଧ୍ୟାନ ଆକର୍ଷିତ କରାଯାଇଥାଏ । ମୁଁ ନିଜର ଅନେକ ଖୁତ୍‌ବାରେ ବିଗତ କିଛି ବର୍ଷ ହେଲା ବେଶ୍ ବିସ୍ତାର ଭାବରେ ଏହି ବିଷୟରେ କହି ଆସୁଅଛି । ତେବେ ଏହା କିଭଳି ସମ୍ଭବ ଯେ ଆମେ ଏଥିପ୍ରତି (ନିଜ ମାନ୍ୟକାରୀମାନଙ୍କ) ଧ୍ୟାନ  କେନ୍ଦ୍ରିତ କରିବୁ ନାହିଁ? ଯେମିତିକି ଖିଲାଫତର ଭବିଷ୍ୟବାଣୀ ଦେବା ପରବର୍ତୀ ଆୟତରେ ନମାଜ ଓ ଜକାତ୍ ଦେବାର ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟାନ୍ୟ ଚନ୍ଦା ଓ ଆବଶ୍ୟକତା ଅନୁଯାୟୀ ଅର୍ଥବ୍ୟୟ କରିବାର ଘୋଷଣା କରାଯାଇଥାଏ ଏହା ସତ କିନ୍ତୁ ଜକାତ୍ ସମସ୍ତଙ୍କ ପାଇଁ ଧାର୍ଯ୍ୟ ଅଟେ । ଏହାର ଏକ ମାନଦଣ୍ଡ ଓ ସର୍ତ ଅଛି । ଆଜିର ସମୟରେ ଜମାତ୍‌ରେ ଯେଭଳି କାମ ବଢ଼ିଚାଲିଛି, ସେଥିପାଇଁ କେବଳ ଜକାତ୍ ନେଇ ଆବଶ୍ୟକତା ପୂରଣ କରିବା ଅସମ୍ଭବ । ତେଣୁ ଅନ୍ୟାନ୍ୟ (ଚନ୍ଦା ଦେବାର) ଘୋଷଣା କରାଯାଇଥାଏ । ୱସିୟତ୍ (ଚନ୍ଦା) ଦେବା ସହିତ ମାସିକ ଚନ୍ଦା ଆଦି ଦେବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରୁ ଚାଲିଆସୁଅଛି । ସେ ଯାହାହେଉ ବର୍ତମାନ ମୁଁ ତାହାର ବିବରଣୀରେ ଯାଉନାହିଁ । କେବଳ ସଂକ୍ଷିପ୍ତ ଚର୍ଚ୍ଚା କରିଦେଲି । ଯାହା ମୁଁ କରିବାକୁ ଚାହୁଁଛି ତାହା ଏହା ଅଟେ ଯେ ମସ୍‌ଜିଦ୍ ନିର୍ମାଣ କରିବା ସହିତ ଆମର କର୍ତବ୍ୟ ବଢ଼ିଯାଇଥାଏ । ତାହାକୁ ସମ୍ପାଦନ କରିବା ଆମର କର୍ତବ୍ୟ ଅଟେ । ଅଲ୍ଲାଃଙ୍କ ସହ ସମ୍ପର୍କ ଯୋଡ଼ିବା ହିଁ ଅନ୍ତିମ ଦିବସ ପ୍ରତି ଧ୍ୟାନ ଦେବା, ନିଜ ଆଧ୍ୟାତ୍ମିକତାର ସ୍ତର ବୃଦ୍ଧି କରିବା, ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ପାଇଁ ଚେଷ୍ଟା କରିବା ଆଦି ସମ୍ଭବ ହେବ । ନମାଜ ପାଠ କରିବାର ତଥା ପ୍ରାଣୀଙ୍କ ସେବା କରିବାର କର୍ତବ୍ୟ ସମ୍ପାଦନ ହୋଇପାରିବ । ବର୍ତମାନ ଧର୍ମକୁ ଦୃଢତା ହଜରତ ମସିହ ମଉଦ ଆ.ସ ଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଛି । କାରଣ ଆପଣ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସ ରୂପରେ ଆବିର୍ଭାବ ହୋଇଛନ୍ତି ଏବଂ ଅଲ୍ଲାଃ ଆପଣଙ୍କୁ ଇସଲାମର ପ୍ରକୃତ ଶିକ୍ଷାର ନମୁନା ଦେଖାଇବା ନିମନ୍ତେ ପ୍ରେରଣ କରିଛନ୍ତି । ଇସଲାମର ହଜିଯାଇଥିବା ଅସ୍ତିତ୍ୱକୁ ଫେରାଇ ଆଣିବା ପାଇଁ ଆପଣଙ୍କର ଆଗମନ । ଆପଣ ଅନ୍ତିମ ଖଲିଫା ଭାବରେ ସଂସାରବାସୀଙ୍କୁ ଇସଲାମର ସୁନ୍ଦର ଶିକ୍ଷାର ଦର୍ଶନ କରାଇଲେ । ପ୍ରାରମ୍ଭରେ ମୁଁ ସୁରେ ହଜ୍‌ର ଯେଉଁ ଆୟତ ପାଠ କରିଥିଲି ସେଥିରେ ଅଲ୍ଲାଃ ଆପଣଙ୍କର ହିଁ ଚର୍ଚ୍ଚା କରିଛନ୍ତି । ଅଲ୍ଲାଃ ଯାହାକୁ ଭବ୍ୟତା ପ୍ରଦାନ କରିଥାନ୍ତି ସେ ନିଶ୍ଚିତ ରୂପେ କିଛି ବିଶେଷ ଗୁଣର ଅଧିକାରୀ ହୋଇଥାଏ, ସେଥି ମଧ୍ୟରୁ ନମାଜ ପାଠ କରିବା, ଜକାତ୍ ଦେବା, ସତ୍‌କର୍ମ କରିବାକୁ ଅନ୍ୟକୁ ପ୍ରୋତ୍ସାହିତ କରିବା, ଅପକର୍ମରୁ ବାରଣ କରିବା ଆଦି ଅନ୍ୟତମ । ହଜୁର ଆ.ସ ଙ୍କ ମାଧ୍ୟମରେ ଖିଲାଫତର ବ୍ୟବସ୍ଥା ଆରମ୍ଭ ହେଲା ଏବଂ ଆଜି ସମଗ୍ର ସଂସାରରେ କେବଳ ଜମାଅତ ଅହେମଦିୟାରେ ହିଁ ଏହି ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳିତ,ଯାହାକି ପ୍ରକୃତ ଇସଲାମର ପ୍ରସାର ଓ ପ୍ରଚାରର କାର୍ଯ୍ୟ ତୁଲାଉଛି । କେବଳ ନମାଜ ପାଠ ନିମନ୍ତେ ମସ୍‌ଜିଦ୍ ତିଆରି କରାଯାଇଥାଏ, ବିଭ୍ରାଟ ସୃଷ୍ଟି କରିବା ପାଇଁ ନୁହେଁ । ଏ ସବୁ ହିଁ ଧର୍ମର ପୃଷ୍ଟପୋଷକତା ଅଟେ । ଅର୍ଥାତ୍ ଇସ୍‌ଲାମୀୟ ଶିକ୍ଷାର ପ୍ରଚାର ଓ ପ୍ରସାର କରିବା ତଥା ଇସ୍‌ଲାମକୁ ସମ୍ମାନ ଓ ଶକ୍ତି ପ୍ରଦାନ କରିବା ନିମନ୍ତେ ଅଟେ ।

ସୁତରାଂ ପ୍ରତ୍ୟେକ ଅହମଦୀ ଗଭୀର ଅନୁଧ୍ୟାନ କରିବା ସହ ଏହି ଉଦ୍ଦେଶ୍ୟ ବୁଝିବା ଉଚିତ୍ । ଏଥିପାଇଁ ନିଜ ପ୍ରତିଶୃତି ପ୍ରତି ଯତ୍ନବାନ ହେବା ସହ ନିଜ ଚିନ୍ତାଧାରା ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ୍ । ଏହି ପଙ୍‌କ୍ତି ଅନୁଯାୟୀ ଏକଥା ସର୍ବଦା ମନେରଖିବା ଉଚିତ୍ ଯେ ଅଲ୍ଲାଃଙ୍କ ସଚ୍ଚୋଟ ଭକ୍ତଗଣ ଅଲ୍ଲାଃଙ୍କଠାରୁ ହିଁ ସାହାଯ୍ୟ ଭିକ୍ଷା କରିଥାନ୍ତି ଓ ସେମାନଙ୍କୁ ତାହା ମିଳିଥାଏ ମଧ୍ୟ । ପୁଣି ଯଦି ଜଣେ ସତ୍ୟବାଦୀ ମୋମିନ୍ ସ୍ୱଭାବର ଥାଏ ଓ ଅଲ୍ଲାଃଙ୍କଠାରୁ ସାହାଯ୍ୟ ଲୋଡ଼ିଥାଏ ଅଲ୍ଲାଃ ମଧ୍ୟ ତାଙ୍କୁ ସାହାଯ୍ୟ କରିଥାନ୍ତି । ସେମାନେ ମାନବ ଜାତିର କଲ୍ୟାଣ ନିମନ୍ତେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିଥାନ୍ତି । ଏହା ଏକ ସଚ୍ଚୋଟ ମୋମିନ୍‌ର ଦୃଷ୍ଟାନ୍ତ ଅଟେ । ସେମାନେ ଅଲ୍ଲାଃଙ୍କ କର୍ତବ୍ୟକୁ ସମ୍ପାଦନ କରିବା ସହିତ ତାହାର ଭୟ ରଖି ବିଶ୍ୱାସରେ ଉନ୍ନତି କରିଥାନ୍ତି । ନିଜେ ଆଧ୍ୟାତ୍ମିକ (ତକ୍‌ୱା) ଜୀବନ ଅତିବାହିତ କରିବା ସହିତ ଅନ୍ୟମାନଙ୍କୁ ଏଥିପ୍ରତି ପ୍ରୋତ୍ସାହିତ କରି ଅପକର୍ମରୁ ନିବୃତ ରହିଥାନ୍ତି ।

ଅଲ୍ଲାଃ ଆମକୁ ଏସବୁ ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ । ଯେପରି ଆମେ ତାଙ୍କ କର୍ତବ୍ୟ ସମ୍ପନ୍ନ କରିବା ସହ ପାରସ୍ପରିକ ସମ୍ପର୍କକୁ ନିବିଡ କରିବା, ମସଜିଦର କର୍ତବ୍ୟ ସମ୍ପନ୍ନ କରିବା, ଧର୍ମ ପ୍ରଚାର କରିବା, ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବା ଏବଂ ଆତ୍ମିକତାରେ ଉନ୍ନତି କରିବା ପାଇଁ ଚେଷ୍ଟା କରିବା, ନିଜ ଅବସ୍ଥା ପରିବର୍ତନ କରିବା ଯଦ୍ୱାରା ଯୁଗର ସୁଧାରକ ଏବଂ ହଜରତ ମୁହମ୍ମଦ ସ.ଆ ଙ୍କ ସଚ୍ଚୋଟ ଦାସଙ୍କ ସହ ଆମେ ଯେଉଁ ବୟତ୍‌ର ପ୍ରତିଶୃତି କରିଛେ, ତାହାକୁ ପୂରଣ କରିବା ପାଇଁ ଅଲ୍ଲାଃ ଆମ୍ଭମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।  ଆମିନ୍  ।।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

Title Code: PUNODI00001
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Vol.1. Thursday 09 June- 16 June - 2016 Issue No.14-15

MANAGER
NAWAB AHMAD
Mobile. : (+91) 94170-20616
Tel : (+91)-1872-224757
e-mail :managerbadrqnd@gmail.com
ANNUAL SUBSCRIPTION:Rs.300/-

*ପୃଷ୍ଠା-୭ର ଅବଶିଷ୍ଟାଂଶ.....*

କରିବାକୁ ପଡୁଛି । ସେ ଦେଖିବ ଯେ ବେଳେବେଳେ ତାକୁ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କଠାରୁ ଅଲଗା ହେବାକୁ ପଡ଼ିବ । (ବର୍ତମାନ ବହୁତ ଦେଶର କିମ୍ବା ବଶେଷକରି ମୁସଲ୍‌ମାନ ଦେଶରେ ଏପରି ହେଉଅଛି) କୋପ ଦୃଷ୍ଟିର ଶିକାର ହେବ କିନ୍ତୁ ସେହି ସମସ୍ତ କଥାର ଫଳ ଅଲ୍ଲାଃତାଲାଙ୍କ ପାଖରୁ ପ୍ରାପ୍ତ ହେବ । କିନ୍ତୁ ଯେତେବେଳେ ଅନ୍ୟ ସମୟ ଆସିବ ଏବଂ ବଡ଼ ଜୋର୍‌ରେ ସଂସାର ଆଡ଼କୁ ଢ଼ଳିବେ ଯେପରି ଗୋଟିଏ ଉଚ୍ଚ ପାହାଚରୁ ପାଣି ପଡ଼ିଥାଏ ଓ କୌଣସି ଅମାନ୍ୟକାରୀ ଦେଖାନାହିଁ ତେବେ ସେତେବେଳେ ମାନିବାବାଲା କିପରି ହେବ ? ସେହି ସମୟରେ ମାନିବା ବାହାଦୁରିର କାର୍ଯ୍ୟ ନୁହେଁ । ପୁଣ୍ୟ ସର୍ବଦା ଦୁଃଖ ସମୟରେ ହିଁ ମିଳିଥାଏ । କହିଲେ-ହଜ୍‌ରତ୍ ଅବୁବକର ର:ଅ ଆଁ ହଜ୍‌ରତ ସ:ଆ:ସ ଙ୍କୁ ଗ୍ରହଣ କରି ଯଦିଓ ମକ୍କାର ମାନ୍ୟଗଣ୍ୟ ବ୍ୟକ୍ତିତ୍ୱକୁ ତ୍ୟାଗ କରିପାରନ୍ତି (ମକ୍କାର ସରଦାର୍ ହୋଇପାରିଥାନ୍ତେ) ତେବେ ଅଲ୍ଲାଃତାଲା ତାଙ୍କୁ ଏକ ସଂସାରର ରାଜତ୍ୱ ଥିଲା । ପୁଣି ହଜ୍‌ରତ୍ ଉମର୍ ର:ଅ ମଧ୍ୟ କମ୍ବଳ ପିନ୍ଧିଥିଲେ (ଅର୍ଥାତ୍ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ) ତେବେ ନମ୍ରତା, ଦରିଦ୍ରତା, ଅସହାୟ ଅବସ୍ଥା ହୋଇଗଲା ଏବଂ ଏତେ ମାତ୍ରାରେ ସଂପତି ତ ରହିଲା ନାହିଁ । କହିଲେ-'ହର୍ ଚ ବାଓ୍ୱାବାଦ୍ ମା କସ୍‌ତି ଦରଆବ୍ ଅନ୍‌ଦା ଖତିମ୍' (ଯେ ବର୍ତମାନ ଯାହା ହେବାର ଅଛି ହୋଇଯାଉ ଆମେ ତ ଡଙ୍ଗାକୁ ସମୁଦ୍ରକୁ ଠେଲିଦେଇଛୁ) ଏହି ପଙ୍‌କ୍ତି ହୋଇ କରି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଗ୍ରହଣ କଲେ ତେବେ କଣ ଖୋଦାତାଲା ତାଙ୍କ ଫଳରୁ କିଛି ଅଂଶ ବାକି ରଥିଦେଲେ ? କଦାପି ନୁହେଁ । ଯିଏ ଖୋଦାତାଲାଙ୍କ ପାଇଁ ତିଳେ ମାତ୍ରୟ ହଲ୍‌ଚଲ୍ ହୁଏ ସେତେବେଳ ଯାଏ ତାର ମୃତ୍ୟୁ ହୁଏ ନାହିଁ ସେତେବେଳେ ପର୍ଯ୍ୟନ୍ତ ତାର ଫଳ ନ ପାଇଛି, ହଲ୍‌ଚଲ୍ (ହର୍‌କତ୍) ସର୍ତ ଅଟେ । (ନିଜେ ଅମଳ କରିବା ଜରୁରୀ ଅଟେ, ନିଜେ ଆଗକୁ ବଢ଼ିବା ଜରୁରୀ ଅଟେ । ପୁଣି ଅଲ୍ଲାଃତାଲା ଦାନ କରିଥାନ୍ତି) ଗୋଟିଏ ହଦିସ୍‌ରେ ଆସୁଛି ଯଦି ସେହି ଅଲ୍ଲାଃତାଲାଙ୍କ ଆଡ଼କୁ ସାଧାରଣ ବେଗରେ ଆସେ ତେବେ ଅଲ୍ଲାଃତାଲା ତା ଆଡ଼କୁ ଦୌଡ଼ିକରି ଆସିଥାନ୍ତି । କହିଲେ ଇମାନ୍ (ବିଶ୍ୱାସ) ହେଲା ଯେ, କିଛି ଲୁକ୍କାୟିତ ଥାଏ ତ ମାନିନିଅ । ଯିଏ ହଲାଲାକ ଦେଖିନିଏ ତାକୁ ତୀକ୍ଷ୍ଣ ଦୃଷ୍ଟି ବୋଲି କୁହାଯାଏ । (ଯିଏ ପ୍ରଥମ ଦିନର ଚନ୍ଦ୍ରକୁ ଦେଖେ କିମ୍ବା ପ୍ରଥମ ଦୁଇ ତିନି ଦିନର ଚନ୍ଦ୍ରକୁ ଦେଖିନିଏ ତାହାର ହିଁ ତୀକ୍ଷ୍ଣ ଦୃଷ୍ଟି ହୋଇଥାଏ) କିନ୍ତୁ ଚତୁର୍ଦ୍ଦଶର ଚନ୍ଦ୍ରକୁ ଦେଖିକରି ସ୍ୱର ଉତୋଳନ କଲାବାଲା (ଯଦି କରିଦିଏ ଯେ ମୁଁ ଚନ୍ଦ୍ର ଦର୍ଶନ କରିନେଲି) ତେବେ ତାକୁ ପାଗଳ ବୋଲି କୁହାଯିବ'' ।

**(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୨୫-୨୬, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଲିସ୍ ସ୍ଥାନ)**

ଅଲ୍ଲାଃତାଲା କରନ୍ତୁ ଯେ, ଆମେ ଆମର ବିଶ୍ୱାସକୁ (ଇମାନ୍) ମଜ୍‌ବୁତ୍ କଲାବାଲା ହେଉ । ଅଲ୍ଲାଃତାଲାଙ୍କ ଆଦେଶଗୁଡିକ ଉପରେ ପାଳନ କରି ତାଙ୍କ ସାନିଧ ଲାଭ କରିବାବାଲା ହେଉ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦୀକ୍ଷାର (ବୟତ୍) ର ଅଧିକାରକୁ ତୁଲାଇବା ବାଲା ହେଉ । ନିଜର ଅମଲ ଦ୍ୱାରା ସଂସାରକୁ ସତ୍ୟର ମାର୍ଗ ଦେଖାଇବା ବାଲା ହେଉ ଏବଂ ଅଲ୍ଲାଃତାଲା ଆମ ଉପରେ ଯେଉଁ ଦୟା କରିଛନ୍ତି, ତାର ପ୍ରକୃତ ରଙ୍ଗରେ କୃତଜ୍ଞତା ଜ୍ଞାପନ କରାହେଉ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଏହା କରିବା ପାଇଁ ଶାଜି ପ୍ରଦାନ କରନ୍ତୁ'' ।

## (ବାର୍ଷିକ ଇଜ୍‌ତେମା ମଜ୍‌ଲିସ୍ ଖୁଦାମୁଲ୍ ଅହମଦୀୟା ଓ ଅତ୍‌ପମଲୁଲ୍ ଅହମଦୀୟା ଭାରତ-୨୦୧୬)

ସୟଦ୍‌ନା ହଜୁର୍ ଅନୁଓ୍ୱର ଅ:ବ:ସ ଙ୍କ ମଞ୍ଜୁରୀ କ୍ରମେ ଖୁଦ୍ଦାମୁଲ୍ ଅହମଦୀୟା ଭାରତର ୪୭ ତମ ଓ ମଜ୍‌ଲିସ୍ ଅତ୍‌ବାଲୁଲ୍ ଅହମଦୀୟା ଭାରତର ୩୭ ତମ ବାର୍ଷିକ ଇଜ୍‌ତେମା ତାରିଖ- ୧୫, ୧୬, ୧୭ ଅକ୍ଟୋବର ୨୦୧୬ ରେ କାଦିୟାନ୍ (ଶାନ୍ତିର ଗୃହ) ଦାରୁଲ୍ ଆମାନ୍‌ଠାରେ ଜାକ ଜମକରେ ପାଳନ ହେଉଅଛି । ସମସ୍ତ ଖୁଦ୍ଦାମ୍ ଓ ଅତ୍‌ଫାଲ୍ ବର୍ତମାନଠାରୁ ଏହି ଜାତିୟ ଇଜ୍‌ତେମାରେ ସାମିଲ୍ ହେବାପାଇଁ ଦୃଢ଼ ପ୍ରତିବଦ୍ଧତା ଅବଲମ୍ବନ କରନ୍ତୁ । ଉକ୍ତ ଇଜ୍‌ତେମାର ଦାଏଦ୍‌ମାନଙ୍କ (ଯୁବସଂଘ ସଭାପତି)ଙ୍କ ଉପସ୍ଥିତି ଅନିର୍ବାର୍ଯ୍ୟ ଅଟେ । ସେହିପରି ଦାଏଦ୍‌ମାନେ ସମସ୍ତ ଖୁଜାମ୍ ଓ ଅତ୍‌ଫାଲଙ୍କୁ ଏହି ଇଜ୍‌ତେମାରେ ଉପସ୍ଥିତ ହେବା ପାଇଁ ସମ୍ପୂର୍ଣ୍ଣ, ସ୍ୱଚ୍ଛତା ସମ୍ପର୍ଣ୍ଣ ଭାବରେ ଧ୍ୟାନ ଆକର୍ଷଣ କରାନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଇଜ୍‌ତେମାରେ ସାମିଲ୍ ହୋଇ ତା'ର ଉପକାର ଓ ଲାଭ ହାସଲ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ (ଆମିନ୍)

(ସଭାପତି (ସଦର) ଇଜ୍‌ତେମା କମିଟି ବାର୍ଷିକ ଇଜ୍‌ତେମା ୨୦୧୬)

## ବିଶେଷ ଘୋଷଣା

ଯଦି ଆପଣମାନେ ପବିତ୍ର କୋରାନ୍‌ର ଆଦେଶଗୁଡିକ, ନବୀ କରିମ୍‌ଙ୍କ ହଦିସ ଓ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କ ପବିତ୍ରବାଣୀ ଓ ନିର୍ଦ୍ଦେଶ ସହିତ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ ଙ୍କ ଭାଷଣରୁ ଉପକୃତ ହେବାପାଇଁ ଚାହୁଁଛନ୍ତି ଓ ଯଦି ଆପଣ ନିଜ ପରିବାର ଏବଂ ନିକଟ ସମ୍ପର୍କୀୟ ଲୋକମାନଙ୍କର ପ୍ରକୃତ ସଂସ୍କାର ଆଣିବା ପାଇଁ ଓ ପବିତ୍ର କୋରାନ୍‌ର ଶିକ୍ଷାକୁ ଜାଣିବାକୁ ଇଚ୍ଛା କରୁଛନ୍ତି ତେବେ ଆପଣ ''**ସାପ୍ତାହିକ ବଦର୍**'' ନିଶ୍ଚୟ ପାଠ କରନ୍ତୁ । ''**ସାପ୍ତାହିକ ବଦର**'' କଣ ଅଟେ ଏହା ଜାଣିବା ପାଇଁ ଆପଣ ନିଶ୍ଚିତ ରୂପେ ନିଜ ଭାଷାରେ ଗୋଟିଏ ନମୁନା ମଗାଇ ଦେଖନ୍ତୁ । ବର୍ତମାନ ହିଁ ଲେଖନ୍ତୁ କିମ୍ବା ଫୋନ୍ କରନ୍ତୁ ।

**ମ୍ୟାନେଜର୍ :- ସାପ୍ତାହିକ ବଦର୍, କାଦିୟାନ୍**
**ଯୋଗାଯୋଗ :- +୯୧ ୯୪୧୭୦୨୦୬୧୬**

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar and Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan